Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈଦ୍ୟୁତିକ ସଂସ୍କରଣ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

✦Vol - 19✦ Issue No:320✦25 March 2024 (Monday) ✦ Rourkela ✦ Rs.2.00 ✦ Page -1 ✦୧୯ ବର୍ଷ ✦ସଂଖ୍ୟା :୩୨୦✦୨୫ ମାର୍ଚ୍ଚ ୨୦୨୪ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ନବୀନ ନିବାସରେ ୩ ଲୋକସଭା କ୍ଷେତ୍ର ପାଇଁ ସମୀକ୍ଷା

କିଏ ହେବେ ପ୍ରାର୍ଥୀ ? ନିଷ୍ପତି ନେବେ ବିଜେଡି ସୁପ୍ରିମୋ



ଭୁବନେଶ୍ୱର, ୨୪/୩ (ନି/ପ୍ର): ନବୀନ ନିବାସରେ ଆଜି ସମ୍ବଲପୁର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ସମୀକ୍ଷା ହୋଇଛି । ଢେଙ୍କି ଆସନରେ କିଏ ପ୍ରାର୍ଥୀ ହେବେ ସେନେଇ ବିଜେଡି ସୁପ୍ରିମୋ ନିଷ୍ପତି ନେବେ । ପ୍ରଥମେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ସମୀକ୍ଷା କରାଯାଇଛି । ବୈଠକ ପରେ ବିଧାୟକ ରୋହିତ ପୂଜାରୀ କହିଛନ୍ତି ୭ଟି ବିଧାନସଭା ସହ ଲୋକସଭା ଆସନ ପାଇଁ ମଧ୍ୟ ଆଲୋଚନା ହୋଇଛି । ଲୋକସଭାରୁ କିଏ ଲଢ଼ିବେ ସେ ନିଷ୍ପତି ମୁଖ୍ୟମନ୍ତ୍ରୀ ନେବେ । ବୈଠକରେ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ନବ ଦାସଙ୍କ ପୁତ୍ର ବିଶାଳ ଦାସ, ବଣେଇର ପୂର୍ବତନ ବିଧାୟକ ଜୀମସେନ ଚୌଧୁରୀ, ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରା ସାମିଲ ହୋଇଥିଲେ । ସେହିପରି ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ଫିଙ୍ଗ, ବିଜେଡି ନେତା ମଙ୍ଗଳା କିଷାନ, ସୁନ୍ଦରଗଡ଼ ପର୍ଯ୍ୟବେକ୍ଷକ ପ୍ରାଚିରଞ୍ଜନ ଗଢ଼ାଲ, ସାରଦା ନାୟକ ଓ ବିଲ୍ଲାପ ତିର୍କୀ ପ୍ରମୁଖ ଉପସ୍ଥିତ ଅଛନ୍ତି । ବୈଠକରେ ସୁନ୍ଦରଗଡ଼ ବିଧାୟକ ଜୁଏଲ ଓରାମଙ୍କୁ ହରାଇବାକୁ ଯୋଜନା କରାଯାଇଛି । ଏହାସହ ଦଳ କିପରି ୭ଟି ବିଧାନସଭା ଆସନରେ ବିଜୟୀ ହେବ, ସେନେଇ ମଧ୍ୟ ସ୍ୱତନ୍ତ୍ର ଯୋଜନା ହୋଇଛି । ସେହିପରି ଢେଙ୍କାନାଳର ସଂସଦୀୟ କ୍ଷେତ୍ର ପାଇଁ ମଧ୍ୟ ଆଲୋଚନା କରାଯାଇଛି । ବିଧାୟକ ମୁକେଶ ପାଲ, ରଜନୀକାନ୍ତ ସିଂହ, ସୁଧୀର ସାମଲ, ସୀମାରାଣୀ ନାୟକ, ନୃସିଂହ ସାହୁ, ମହେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଅଛନ୍ତି ।

ପଦ୍ମ ଧରିଲେ ପୂର୍ବତନ ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ, ୨୪/୩: ପୂର୍ବତନ ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ (ଅବସରପ୍ରାପ୍ତ) ଆର.କେ.ଏସ. ଭଦୌରିଆ ବିଜେପିରେ ଯୋଗ ଦେଇଛନ୍ତି । ରବିବାର ଦିଲ୍ଲୀସ୍ଥିତ ବିଜେପି କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ବିଜେପି ସାଧାରଣ ସମ୍ପାଦକ ବିନୋଦ ତାଓ୍ଡେଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି । ତାଙ୍କ ସହ ଚିତ୍ତୁପତିର ପୂର୍ବତନ ସାଂସଦ ବଦପ୍ରସାଦ ରାଓ ମଧ୍ୟ ଶାସକ ଦଳର ସଦସ୍ୟତା ଗ୍ରହଣ କରିଛନ୍ତି ।

ଆରମ୍ଭ ହେଲା ଗଞ୍ଜାମର ପାରମ୍ପରିକ ଦଣ୍ଡନାଚ

ଗଞ୍ଜାମ, ୨୪/୩ (ନି/ପ୍ର): ଓଡ଼ିଶାରେ ବାର ମାସରେ ୧୩ ପର୍ବର ପରଂପରା ରହିଆସିଛି । ଏହାରି ମଧ୍ୟରେ ଗଞ୍ଜାମ ଜିଲ୍ଲାର ନିଜର ପରମ୍ପରା ଏବଂ ସଂସ୍କୃତି । ବର୍ତମାନ ଗଞ୍ଜାମର ପାରମ୍ପରିକ ଦଣ୍ଡନାଚ ଆରମ୍ଭ ହୋଇଛି । ୨୧ ଦିନ ଗାଁ ଗୁଲି ଭୋଗ ଖାଇବେ ଦଣ୍ଡକାରୀ । ମାନସିକ ବ୍ରତଧାରୀ ୨୧ ଦିନ ଧରି ବ୍ରତ ପାଳନ କରିବେ । ଦିନରେ ଧୂଳିଦଣ୍ଡ, ପାଣିଦଣ୍ଡ ଅନୁଷ୍ଠିତ ହେବ । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ସହିଦନଗର ଥାନା ଏସ ପ୍ରିୟବ୍ରତ ପ୍ରଧାନ ନିଲମ୍ବିତ

ଭୁବନେଶ୍ୱର,୨୪/୩ : ଲାଂଚ ନେଲ ଲିଜିଲାନ୍ଚ ହାତରେ ଧରାପଡ଼ିଥିବା ସହିଦନଗର ଥାନା ଏସଆଇ ପ୍ରିୟବ୍ରତ ପ୍ରଧାନ ନିଲମ୍ବିତ । କମିଶନରେଟ ପୋଲିସ ଏହି ଲାଞ୍ଚୁଆ ଏସଆଇଙ୍କୁ ନିଲମ୍ବିତ କରିଛି । ସୂତ୍ରରୁ ପ୍ରକାଶ ଗାଡ଼ି ଡ୍ରାଇଭିଂ ଲାଇସେନ୍ସ ପାଇଁ ୫ ହଜାର ମାଗିଥିଲେ ସହିଦ ନଜର ଥାନା ଏସଆଇ ପ୍ରିୟବ୍ରତ ପ୍ରଧାନ । ସେ ପ୍ରଥମ କିସ୍ତି ବାବଦରୁ ୩ ହଜାର ଟଙ୍କା ନେଇଥିବା ବେଳେ ଶନିବାର ଆଉ ୨ ହଜାର ଟଙ୍କା ଲାଂଚ ନେବା ସମୟରେ ଲିଜିଲାନ୍ଚ ହାତରେ ଧରାପଡ଼ିଥିଲେ ।

ରୁଷ ଗୁଳିକାଣ୍ଡ

ମୃତ୍ୟୁ ସଂଖ୍ୟା ୧୩୩କୁ ବୃଦ୍ଧି, ୧୪୭ ଆହତ

ରୁଷ, ୨୪/୩: ରୁଷରେ ମସ୍କୋର କ୍ରୋକସ୍ ସିଟି ହଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତଙ୍କ ସଂଖ୍ୟା ୧୩୩କୁ ବୃଦ୍ଧି ପାଇଥିବା ବେଳେ ୧୪୭ରୁ ଅଧିକ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ଦେଶର ନେତା ଏହି ଭୟଙ୍କର ଘଟଣାକୁ ତୀବ୍ର ନିନ୍ଦା କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।ଆମେରିକା, ୟୁରୋପୀୟ ସଂଘ, ବ୍ରିଟେନ୍, ଫ୍ରାନ୍ସ, ସ୍ପେନ୍ ଏବଂ ୟୁଏଇ ଏହାକୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି କହିଛନ୍ତି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଏହାକୁ ତୀବ୍ର ନିନ୍ଦା କରିଛନ୍ତି । ଜାତିସଂଘ ନିରାପତ୍ତା ପରିଷଦ ଏହି ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିମାନଙ୍କୁ ଧରିବା ପାଇଁ ରଷର ସରକାର ଏବଂ ଅନ୍ୟାନ୍ୟ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ସକ୍ରିୟ ଭାବେ ସହଯୋଗ କରିବାକୁ ସମସ୍ତ ଦେଶକୁ ଆହ୍ୱାନ ଦେଇଛି । ଆତଙ୍କବାଦୀ ସଂଗଠନ ଇସ୍ଲାମିକ ଷ୍ଟେଟ୍ ଖୋରାସାନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ।

ବାରାଣାସୀରେ ମୋଦୀଙ୍କୁ ଟକ୍କର ଦେବେ ଅଜୟ ରାୟ !

ନୂଆଦିଲ୍ଲୀ, ୨୪/୩: ଲୋକସଭା ନିର୍ବାଚନ ୨୦୨୪ ପାଇଁ କଂଗ୍ରେସ ଶନିବାର ଏହାର ପ୍ରାର୍ଥୀ ତାଲିକା ପ୍ରକାଶ କରିଥିଲା । ଏହି ତାଲିକାରେ ୪୬ ପ୍ରାର୍ଥୀଙ୍କ ନାଁ ସାମିଲ ଅଛି । କଂଗ୍ରେସ ବାରାଣାସୀ ଆସନରୁ ଅଜୟ ରାୟଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିପକ୍ଷରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଛି । ଏହା ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିପକ୍ଷରେ ୨ ଥର ନିର୍ବାଚନରେ ପରାସ୍ତ ହୋଇଥିବାବେଳେ କଂଗ୍ରେସ ପୁଣି ଥରେ ଅଜୟ ରାୟଙ୍କ ଉପରେ ବିଶ୍ୱାସ କରିଛି । ଏନେଇ ସେ ସବୁର ଶୀର୍ଷ ନେତାଙ୍କୁ ଧନ୍ୟବାଦ କହିଛନ୍ତି ।

ଅଜୟ ରାୟ କିଏ ?

୧୯୬୯ ଅକ୍ଟୋବର ୭ରେ ବାରାଣାସୀରେ ଜନ୍ମଗ୍ରହଣ କରିଥିଲେ କଂଗ୍ରେସ ନେତା ଅଜୟ ରାୟ । ବିଜେପି ଛାତ୍ର ଶାଖା ଇଛଠତ ରୁ ସେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ । ୧୯୯୬ରେ ପ୍ରଥମ ଥର ପାଇଁ ବିଜେପି ଟିକେଟରେ ଲୋକଳାଡା ଅସନରୁ ଲୋକସଭା ନିର୍ବାଚନ ଲଢ଼ିଥିଲେ । ଏହି ନିର୍ବାଚନରେ ସେ ୯ ଥର ଜଣଓ ବିଧାୟକ ଉଦଳଙ୍କୁ ୪୮୪ ଭୋଟରେ ପରାସ୍ତ କରିଥିଲେ । ଏହା ପରେ ୨୦୦୨ ଏବଂ ୨୦୦୭ ଲୋକସଭା ନିର୍ବାଚନରେ ଶଟରେ ଅବଧେଶ ଦିହଙ୍କୁ ବିପୁଳ ବ୍ୟବଧାନରେ ପରାସ୍ତ କରିଥିଲେ । ସେ ୨୦୦୯ରେ ବିଜେପି ଛାଡ଼ିଥିଲେ । ଦଳ ତାଙ୍କୁ ବାରାଣାସୀରୁ ଲୋକସଭା ଟିକେଟ ପ୍ରଦାନ କରିନଥିଲା ବୋଲି ଏଭଳି ନିଷ୍ପତି ନେଇଥିଲେ । ଏହା ପରେ ସେ ଶଟରେ ସାମିଲ ହୋଇଥିଲେ । ଦଳ ତାଙ୍କୁ ବାରାଣାସୀରେ ମୁରଲୀ ମନୋହର ଯୋଶୀଙ୍କ ବିରୋଧରେ ନିର୍ବାଚନୀ ମଇଦାନରେ ଓହ୍ଲାଇଥିଲା କିନ୍ତୁ ଏଥିରେ ତାଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ୫ ଥର ବିଧାୟକ ରହିସାରିଥିବା ଅଜୟ ରାୟ ୨୦୧୨ରେ କଂଗ୍ରେସର ହାତ ଧରିଥିଲେ । ଏହି ବର୍ଷ ସେ ପିଣ୍ଡ୍ରା ବିଧାନସଭା ନିର୍ବାଚନମଣ୍ଡଳୀରୁ ଜିତିଥିଲେ । ୨୦୧୪ ଏବଂ ୨୦୧୯ରେ କଂଗ୍ରେସ ତାଙ୍କୁ ବାରାଣାସୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିପକ୍ଷରେ ନିର୍ବାଚନୀ ମଇଦାନକୁ ଓହ୍ଲାଇଥିଲା କିନ୍ତୁ ୨ ଥର ସେ ପରାଜିତ ହୋଇଥିଲେ । ପରେ ୨୦୨୩ରେ ଦଳ ତାଙ୍କୁ ଉତ୍ତର ପ୍ରଦେଶର କଂଗ୍ରେସ କମିଟି ଭାବେ ଚୟନ କରିଥିଲା । ୭ମ ପର୍ଯ୍ୟାୟ ଅନ୍ତର୍ଗତ ବାରାଣାସୀରେ ଜୁନ ୧ରେ ମତଦାନ ଅନୁଷ୍ଠିତ ହେବ । ତେବେ ସପ୍ତମ ପର୍ଯ୍ୟାୟରେ ମହାରାଜଗଞ୍ଜ, ଗୋରଖପୁର, କୁଶିନଗର, ଦେବରିୟା, ବାଂଶଗାଓଁ, ଘୋସୀ, ସଲେମପୁର, ବଲିଆ, ଗାଜିପୁର, ଚନ୍ଦୌଲୀ, ମିର୍ଜାପୁର ଏବଂ ରବର୍ଟସଗଞ୍ଜରେ ମତଦାନ ହେବ । ତେବେ ନିର୍ବାଚନର ଫଳାଫଳ ଜୁନ୍ ୪ରେ ପ୍ରକାଶିତ ହେବ ।

ପିଆଜ ରପ୍ତାନି ନିଷେଧାଦେଶ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୪/୩ (ନି/ପ୍ର): ସରୋଜ ଉପଲବ୍ଧତା ବଢ଼ାଇବା ଓ ଏହାର ମୂଲ୍ୟ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ପିଆଜ ରପ୍ତାନି ଉପରେ ନିଷେଧାଦେଶ ସମୟ ବୃଦ୍ଧି କରିଛନ୍ତି । ଏହାପୂର୍ବରୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ରପ୍ତାନି ଉପରେ ନିଷେଧାଦେଶ ଜାରି କରାଯାଇଥିବା ବେଳେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ । ଗତ ଶୁକ୍ରବାର ବିଦେଶ ବ୍ୟାପାର ମହାନିର୍ଦ୍ଦେଶାଳୟ (ଡିଜିଏଫ୍?ଟି) ପକ୍ଷରୁ ଏହି ଜଣକାରୀ ବୃଦ୍ଧି କରାଯାଇଛି । ଡିଜିଏଫ୍ଟି ହେଉଛି କେନ୍ଦ୍ର ସରକାରଙ୍କ ଏକ ଶାଖା, ଯାହା ରପ୍ତାନି ଓ ଆମଦାନୀ ସମ୍ପର୍କିତ ପ୍ରସଙ୍ଗ ସହ ଜଡ଼ିତ । ଡିସେମ୍ବର ୨୦୨୩ ଡିସେମ୍ବର ୮ରେ କେନ୍ଦ୍ର ସରକାର ପିଆଜ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଥିଲେ । ତେବେ ଆନ୍ତଃ ମନ୍ତ୍ରିମଣ୍ଡଳର ଅନୁମୋଦନ ପରେ ମିତ୍ର ରାଷ୍ଟ୍ରଙ୍କୁ ପିଆଜ ରପ୍ତାନି ପାଇଁ ଅନୁମତି ରହିଛି । ଫଳରେ ରାଷ୍ଟ୍ରୀୟ ସମବାୟ ରପ୍ତାନି ଲିମିଟେଡ୍ (ଏନସିଏଲ) ମାଧ୍ୟମରେ ୟୁଏଇ ଏବଂ ବାଂଲାଦେଶକୁ ୬୪,୪୦୦ ଟନ୍ ପିଆଜ ରପ୍ତାନି କରିବାକୁ ସରକାର ଅନୁମତି ଦେଇଛନ୍ତି । ଏହା ପୂର୍ବରୁ ୨୦୨୩ ଅକ୍ଟୋବରରେ ଗ୍ରାହକଙ୍କ ପାଇଁ ଖୁଚୁରା ବଜାରରେ କେନ୍ଦ୍ର ସରକାର ଜିଲୋଗ୍ରାମ ପିଛା ୨୫ ଟଙ୍କା ରିଆତିରେ ପିଆଜ ବିକ୍ରି କରିବାକୁ ଅନୁମତି ଦେଇଥିଲେ । ଦେଶରେ ପିଆଜ ମୂଲ୍ୟ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ୨୦୨୩ ଅକ୍ଟୋବର ୨୮ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ପିଆଜ ରପ୍ତାନି ଉପରେ ଟନ୍ ପିଛା

ଆବଶ୍ୟକ

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

ଶଙ୍ଖ ଧରିଲେ ନୟାଗଡ଼ର ନେତ୍ରୀ ଇରାନୀ ରାୟ

ଭୁବନେଶ୍ୱର, ୨୪/୩ (ନି/ପ୍ର): ନୟାଗଡ଼ର ଜଣାଶୁଣା ନେତ୍ରୀ ଇରାନୀ ରାୟ ଅବଶେଷରେ ବିଜେଡିରେ ଯୋଗ ଦେଇଛନ୍ତି । ଶଙ୍ଖ ଭବନରେ ମିଶ୍ରଣ ପର୍ବରେ ବିଧିବଦ୍ଧ ଭାବେ ସେ ବିଜେଡିରେ ଯୋଗଦେଇଛନ୍ତି । ଗତ କିଛି ଦିନ ତଳେ ସେ ବିଜେପିରୁ ଇସ୍ତଫା ଦେଇଥିଲେ ଇରାନୀ । ୨୦୧୯ରେ ବିଜେପିର ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ ଇରାନୀ । ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଓ ବିଧାୟକ ଅରୁଣ ସାହୁଙ୍କ ଉପସ୍ଥିତିରେ ସେ ଶଙ୍ଖ ଧରିଛନ୍ତି । ବିଜେଡିରେ ଯୋଗ ଦେବା ପରେ ଇରାନୀ ରାୟ କହିଛନ୍ତି, ନୟାଗଡ଼ରେ ବିଜେପି ପାଇଁ ଅନେକ କିଛି କରିଛି । ହେଲେ ମୋ ପରିଶ୍ରମ ଓ ତ୍ୟାଗର ସମ୍ମାନ ମତେ ମିଳିନି । ମୋ ସହିତ ଅନ୍ୟାୟ ହୋଇଛି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255816
Email: utkalsamachar@gmail.com, Mob: 9437086122

ମେଟଂ ହେଲାନି : ଏବେ ଗାଁମୁହାଁ ନେତା

କେନ୍ଦୁଝର, ୨୪/୩ (ନି/ପ୍ର): ବିଜେପି-ବିଜେଡି ମେଟଂ ଚର୍ଚ୍ଚା କାରଣରୁ ଉଭୟ ଦଳର ନେତା ଆଶା ଆଶଙ୍କାରେ ରହିବା ସହ ରାଜନେ ?ତିକ କାର୍ଯ୍ୟକ୍ରମ ମଧ୍ୟ ଏକପ୍ରକାର ବନ୍ଦ ରହିଥିଲା । ଗତକାଲି ମେଟଂ ହେବନି ବୋଲି ସ୍ପଷ୍ଟ ହୋଇଯିବା ପରେ ଆଜିଠାରୁ ନେତାମାନେ ଗାଁ ମୁହାଁ ହୋଇଛନ୍ତି । ସଭାସମିତି ଓ କର୍ମୀ ସମ୍ମିଳନୀ କରି ନିର୍ବାଚନ ପାଇଁ ସଜବାଜ ଆରମ୍ଭ କରିଛନ୍ତି । କେନ୍ଦୁଝର ବିଧାୟକ ତଥା ବିଜେପିର ଟିକଟ ଆଶାୟୀ ମୋହନ ଚରଣ ମାଝୀ ଆଜି ବାଂଶପାଳ ବ୍ଲକ୍ ବିଜାଗୋଠରେ କର୍ମୀଙ୍କୁ ନେଇ ବୈଠକ କରିଛନ୍ତି । ବେ ?ଠକରେ ଏକାଧିକ ଛାମୁଆ ନେତାମାନେ ଉପସ୍ଥିତ ରହି ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଏହି ବୈଠକରେ ବିଜେପିର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ସାଂସଦ ଅନନ୍ତ ନାୟକ ଉପସ୍ଥିତ ଥିଲେ । ସେହିପରି ବିଜେଡିର ଟିକଟ ଆଶାୟୀ ମୀନା ମାଝୀ ଆଜି କଣ୍ଡରାପଶି ପଚାଂୟତର ରେଙ୍ଗାଳବେଡ଼ା, ଧନୁର୍ଜୟପୁର, ମଧୁପୁର, ପଳାଶପଙ୍ଗା ସମେତ କେନ୍ଦୁଝର ସହରର ବିଭିନ୍ନ ଛାମୁଆ ନେତା ଓ କର୍ମୀଙ୍କୁ ଭେଟିଛନ୍ତି । କିଛି ସ୍ଥାନରେ କର୍ମୀମାନଙ୍କୁ ନେଇ ବୈଠକ କରିଥିବା ଜଣାପଡ଼ିଛି । ପାଟଣା ବିଧାୟକ ଜଗନ୍ନାଥ ନାୟକ ମଧ୍ୟ ଆଜି ଦିନତମାମ ବିଭିନ୍ନ ସ୍ଥାନରେ ବେ ?ଠକ କରିଛନ୍ତି । ସେ କିଛିଦିନ ହେବ ଭୁବନେଶ୍ୱରରେ ଡେରା ପକାଇଥିଲେ । ମେଟଂ ହେବନି ବୋଲି ଜାଣିବା ପରେ ଜଗନ୍ନାଥ ଏବେ ନିର୍ବାଚନମଣ୍ଡଳୀ ମୁହାଁ ହୋଇ ଆଜିଠାରୁ ଦଳୀୟ କାମରେ ଲାଗିଛନ୍ତି । ଆଜି ସେ ସାହାରପଡ଼ା ବ୍ଲକ୍‌ର ବିଭିନ୍ନ ପଚାଂୟତ ପ୍ରତିନିଧିମାନଙ୍କ ସହ ବୈଠକ କରିଛନ୍ତି । ଏଥିରେ ଦଳୀୟ ପର୍ଯ୍ୟବେକ୍ଷକ ମଧ୍ୟ ଉପସ୍ଥିତ ଥିଲେ । ସେହିପରି ପାଟଣାରୁ ବିଜେପି ଟିକଟ ଆଶାୟୀ ମମିତା ନାଏକ ମଧ୍ୟ ଆଜି ସାହାରପଡ଼ା ବ୍ଲକ୍ ?ର ଦାମାହୁଦା ଓ ଡାଳପକାରେ କର୍ମୀ ସମ୍ମିଳନୀ କରିଛନ୍ତି । ଆସନ୍ତାକାଲି ଝୁମ୍ପୁରା ବ୍ଲକ୍‌ର ପର୍ଶଳା, ଡୁମୁରିଆ ଓ ଖୁଟାଂପଡ଼ାରେ କର୍ମୀ ସମ୍ମିଳନୀ ହେବ ବୋଲି ସେ କହିଛନ୍ତି । ଚମ୍ପୁଆ ନିର୍ବାଚନମଣ୍ଡଳୀରେ ବିଜେଡିର ଅନ୍ୟତମ ଟିକଟ ଆଶାୟୀ କୁଶ ଆପଟ୍ଟ ବାସୁଦେବପୁରରେ ଆୟୋଜିତ ମାଗେ ପରବରେ ସାମିଲ ହୋଇଥିଲେ । ସେ ଏହି ଅବସରରେ ଦଳୀୟ କର୍ମୀଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି । ଘସିପୁରା ନିର୍ବାଚନମଣ୍ଡଳୀର ବିଜେପି ଟିକଟ ଆଶାୟୀ ଯଜ୍ଞପ୍ରସାଦ ସାହୁ ଅଳତି, ଶାଳଦେଇ, ଦରଡ଼ିପାଳ ଓ ତରିମୁଳରେ ଦଳୀୟ କର୍ମୀଙ୍କୁ ଭେଟି ସଂଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି । ଏହା ଗୋଟିଏ ଗୋଟିଏ ଉଦାହରଣ ହୋଇଥିବା ବେଳେ ସବୁ ନିର୍ବାଚନମଣ୍ଡଳୀରେ ସ୍ଥିତି ସମାନ । ମେଟଂ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଆଶାୟୀମାନେ ଭୁବନେଶ୍ୱର ଓ ଦିଲ୍ଲୀରେ ରହି ନିଜ ପାଇଁ ଲବି କରୁଥିଲେ । ଏବେ ନିର୍ବାଚନମଣ୍ଡଳୀକୁ ଫେରି ନିଜ ନିଜ କାମରେ ଲାଗିପଡ଼ିଥିବା ଦେଖିବାକୁ ମିଳିଛି ।

ପୁଅର ଟାଙ୍ଗିଆ ଚୋଟରେ ବାପା ଓ ମାଆଙ୍କର ପ୍ରାଣହାନି

ଚମ୍ପୁଆ, ୨୪/୩ (ନି/ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବସିରା ଗ୍ରାମରେ ପୁଅର ଟାଙ୍ଗିଆ ଚୋଟରେ ଘଟଣାସ୍ଥଳରେ ବାପା ମୃତ୍ୟୁବରଣ କରିଥିବାବେଳେ ଗୁରୁତର ଅବସ୍ଥାରେ ଚମ୍ପୁଆ ଡାକ୍ତର ଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମା ମଧ୍ୟ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଖବର ଅନୁସାରେ, ଆଜି ସକାଳ ପ୍ରାୟ ୭ଟା ସମୟରେ ବସିରା ଗ୍ରାମର ଗୁରୁଚରଣ ମୁଣ୍ଡାଙ୍କ ପୁଅ ଧ୍ୟାନ ମୁଣ୍ଡା ଟାଙ୍ଗିଆ ଦ୍ୱାରା ଆକ୍ରମଣ କରିବାରୁ ଟାଙ୍ଗିଆ ଚୋଟରେ ବାପା ଗୁରୁଚରଣ ଓ ମା ପାଲ ମୁଣ୍ଡା ଙ୍କ ମୃତ୍ୟୁ ଘଟିଛି । ସକାଳେ ଧ୍ୟାନ ଘର ଅଗଣାରେ କାଠ କାଟୁଥିବା ସମୟରେ ବାପା ବାରଣ କରିବାରୁ ପ୍ରଥମେ ବାପାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବାବେଳେ ମା ଛଡ଼ାଇବାକୁ ଆସି ଆକ୍ରମଣର ଶିକାର ହୋଇ ଥିଲେ । ଘଟଣା ସ୍ଥଳରେ ବାପା ଗୁରୁଚରଣଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ମା ପାଲ ମୁଣ୍ଡାଙ୍କୁ ଘର ପାଖ ଲୋକ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣା ପଡିଛି । ଖବର ପାଇ ଚମ୍ପୁଆ ଥାନା ଅଧିକାରିଣୀ ଦେବକୀ ନାଏକ ଓ ଏସଡିପିଓ ବିଜୟ ମଲ୍ଲିକ ଘଟଣା ସ୍ଥଳରେ ପହଚିଂ ଶବକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି । ଗତ କିଛି ବର୍ଷ ହେବ ଧ୍ୟାନର ସ୍ତ୍ରୀ ସଂସଦ ଘର ଛାଡି ଅନ୍ୟତ୍ର ରହୁଥିବା ବେଳେ ଘରେ ଧ୍ୟାନ ତା'ର ବାପା ମା ଓ ଦୁଇପୁଅଙ୍କ ସହ ରହି ଆସୁଥିଲେ । ତେବେ କିଛିଦିନ ହେବ ଧ୍ୟାନର ମାନସିକ ସ୍ଥିତି ଭଲ ନ ଥିବା ବେଳେ ସେ ବହୁ ସମୟ ଘର ଭିତରେ ନିଜେ ରହିଆସୁଥିଲା ବୋଲି ଜଣାପଡିଛି । ଚମ୍ପୁଆ ପୁଲିସ ଅଭିଯୁକ୍ତ ପୁଅ ଧ୍ୟାନ ମୁଣ୍ଡାକୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି ।

ଆମ ବସ୍‌ଷ୍ଟାଣ୍ଡ ମୁଖ୍ୟ ଫାଟକର ତାଲା ଖୋଲିଲା

ଘଟଗାଁ, ୨୪/୩ (ନି/ପ୍ର): ଆନନ୍ଦପୁର'ଆମ ବସ୍‌ଷ୍ଟାଣ୍ଡ' ମୁଖ୍ୟ ଫାଟକର ତାଲା ଖୋଲିଛି । ସରକାର ରାଜ୍ୟରେ ଲୋକ ଓ ଯାତ୍ରୀଙ୍କ ସୁବିଧା ପାଇଁ ଆମ ବସଷ୍ଟାଣ୍ଡ ଲୋକର୍ପଣ କରିଛନ୍ତି । କେତେକ ସ୍ଥାନରେ ଏହି ବସଷ୍ଟାଣ୍ଡ ଜନସାଧାରଣଙ୍କ କାମରେ ନଆସି ଏଥିରେ ବ୍ୟତିକ୍ରମ ଦେଖା ଦେଇଛି । ଆନନ୍ଦପୁର ପୌରପରିଷ ଫକିରମୋହନ ଉଦ୍‌ଘାଟିତ ଆମ ବସଷ୍ଟାଂଟ ଜନସାଧାରଣଙ୍କ ପାଇଁ ଲୋକାର୍ପଣ କରାଯାଇଥିଲେ ମଧ୍ୟ ଏହାର ମୁଖ୍ୟ ଫାଟକରେ ତାଲାପଡ଼ିଥିବାରୁ ଏହା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ବହୁ ପ୍ରତୀକ୍ଷା ର ଅନ୍ତ ଘଟିଛି ମୁଖ୍ୟ ଫାଟକରୁ ତାଲା ଖୋଲିଯାଇ ଥିବା ଦେଖିବାକୁ ମିଳିଛି । ଆନନ୍ଦ ପୁରବାସୀ ଙ୍କର ଦୀର୍ଘଦିନର ସପ୍ନ ସାକାର ହେଇଛି ବୋଲି ଲୋକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ।

ଆତ୍ମହତ୍ୟା ଉଦ୍ୟମ କରିଥିବା ବିଚାରାଧୀନ କଏଦୀଙ୍କ ମୃତ୍ୟୁ



କେନ୍ଦୁଝର, ୨୪/୩ (ନି/ପ୍ର): କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି । ଗତକାଲି ଆତ୍ମହତ୍ୟା ଉଦ୍ୟମ କରିଥିଲେ ବିଚାରାଧୀନ କଏଦୀ । କେନ୍ଦୁଝର ଜିଲ୍ଲା କାରାଗାରରେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ । କଏଦୀ ଜଣକ ହେଲେ କେନ୍ଦୁଝର ସଦର ଥାନା କାଠବାରି ପଚାଂୟତ ବୋଧବାହାଲି ଗ୍ରାମର ଅଜୟ ଦାସ (୨୫) । ସେ ନାବାଳିକା ଅସଦାଚରଣ ମାମଲାରେ ଗିରଫ ହୋଇ ୧୧ ମାସ ହେବ କେନ୍ଦୁଝର ଜେଲ୍‌ରେ ଥିଲେ । ଗତକାଲି ଅପରାହ୍ଣ ୧ଟା ୨୦ରେ ଜେଲ୍ ପାଇଖାନା ଟାଙ୍କିକୁ ସଂଯୋଗ କରିଥିବା ଏକ ପାଇପ୍ ସାହାଯ୍ୟରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଜେଲ୍ ୱାର୍ଡରମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟର ପୁରୁଷ ଭେଷଜ ୱାର୍ଡରେ ଭିନ୍ନ କରିଥିଲେ । ଅପରାହ୍ଣ ୩ଟାବେଳେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଜେଲ୍ ସୁରକ୍ଷାରେ ତ୍ରୁଟି ପାଇଁ ଏପରି ଘଟଣା ଘଟିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି ।

ତରିମୁଳ ଗ୍ରାମରେ ନାଇଟ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ

ଘଟଗାଁ, ୨୪/୩ (ନି/ପ୍ର): ଘସିପୁରା ବ୍ଲକ ଅନ୍ତର୍ଗତ ତରିମୁଳ ଠାରେ ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ମିନି ଷ୍ଟାଡିୟମରେ କ୍ରିକେଟ ମହୋତ୍ସବ ଉଦଘାଟିତ ହୋଇଯାଇଛି । ତିନି ଦିବସୀୟ ରାତ୍ରୀକାଳୀନ ଚତୁର୍ଥ ବାର୍ଷିକ ଟି-୨୦ ନାଇଟ କ୍ରିକେଟ ଟୁର୍ଣ୍ଣାମେଂଟରେ ରାଜ୍ୟସ୍ତରୀୟ ୧୬ଟି ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହେବ । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସମ୍ମାନୀତ ଅତିଥି ଦେଓଗାଁ ସରପଂଚ ସତ୍ୟରଞ୍ଜନ ଭୂୟାଁ ଯୋଗଦେଇ ଆନୁଷ୍ଠାନିକ ଭାବେ କ୍ରିକେଟ ଟୁର୍ଣ୍ଣାମେଟଂ କୁ ଉଦଘାଟନ କରିଥିଲେ । ରବିବାର ରେ ମେଗା ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ମୋଟ ୧୬ଟି ଦଳ କୁ ନେଇ ଟି-୨୦ ଫର୍ମାଟ୍ ରେ ଫ୍ଲଡ ଲାଇଟରେ ଏହି ଖେଳ ଅନୁଷ୍ଠିତ ହେଉଛି । ମଂଚ ପରିଚାଳନାରେ ଅମ୍ପାୟାର ସୁରେଶ ଭୂୟାଁ, ଅନିଲ ସେଠୀ ଦାୟିତ୍ୱ ସମ୍ପାଦନ କରିଥିଲେ । ଟୁର୍ଣ୍ଣାମେଂଟ ପରିଚାଳନାରେ ମା ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ସମସ୍ତ ସଦସ୍ୟ ପରିଚାଳନା ରେ ସହଯୋଗ କରିଥିଲେ ।

କନ୍ଧମାଳର ଅପହଚଂ ଗାଁକୁ ରାସ୍ତା ଯନ୍ତ୍ରଣା :

ଯେଉଁଠି ଗର୍ଭବତୀ ଆଶାକର୍ମୀ ବି ଦୋଳାରେ ବୁହାହୁଅନ୍ତି

ଦାରିଙ୍ଗବାଡ଼ି, ୨୪/୩ (ନି/ପ୍ର): ପ୍ରସୂତି ଯନ୍ତ୍ରଣା ଭୋଗୁଥିବା ଗର୍ଭବତୀ କିଭଳି ଭଲରେ ହସ୍ପିଟାଲରେ ପହଚିଂବେ, ସେଥିପାଇଁ ଆଶାକର୍ମୀଙ୍କର ବଡ଼ ଭୂମିକା ଥାଏ । ମାତ୍ର, ଗର୍ଭବତୀ ଥିବା ଜଣେ ଆଶାକର୍ମୀଙ୍କୁ ବି ଦୋଳାରେ ବୁହାହୋଇ ହସ୍ପିଟାଲ ଯିବାକୁ ପଡ଼ିଥାଏ । ରାସ୍ତା ନଥିବାରୁ ଏହିଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ଘଟଣା କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ୍ ?ର ତାଜୁଙ୍ଗିଆ ପଚାଂୟତ ନିଲାକ୍ଲିୟୁ ଗାଁରେ ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁସାରେ, ଗାଁର ଥେପିଲ ମାଝୀଙ୍କ ପତ୍ନୀ ଆଶାକର୍ମୀ ଶିବାଜିନୀ ଗର୍ଭବତୀ ଥିଲେ । ତାଙ୍କର ପ୍ରସୂତି ଯନ୍ତ୍ରଣା ବଢ଼ିବାରୁ ଆମ୍ବୁଲାନ୍ସକୁ ଖବର ଦେଲେ । ଯୋଗାଯୋଗ ହୋଇପାରିଲା ନାହିଁ । ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ହେଉ କି ଅଟୋ ସିକବାଡ଼ି ଗାଁ ପର୍ଯ୍ୟନ୍ତ ଆସିପାରିବ । ଶିବାଜିନୀଙ୍କୁ ଦୋଳାରେ ସିକବାଡ଼ି ଗାଁ ଯାଏ ବୋହି ନେଇଥିଲେ । ଏହାପରେ ସେଠାରୁ ଏକ ଅଟୋ ଯୋଗେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଚାଂଇଥିଲେ । ସେଠାରେ ସେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ । ଏବେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଅଛି । ତେବେ ଶିବାଜିନୀ ନିଜେ ଆଶାକର୍ମୀ ହୋଇଥିବା ବେଳେ ଏଭଳି ସମସ୍ୟାର ସମ୍ମୁଖୀନ ହେବା ଘଟଣା ସୁରକ୍ଷିତ ମାତୃତ୍ୱ ଯୋଜନାକୁ ଅପହଁ ଇଲାକାରେ ପହଚାଂଇବା ଦିଗରେ ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ବୋଲି ଅଭିଯୋଗ ହୋଇଛି । ଗର୍ଭବତୀ ଶିବାଜିନୀ ନିଜେ ଆଶାକର୍ମୀ ହୋଇ ମଧ୍ୟ ଏଭଳି ସମସ୍ୟାର ସମ୍ମୁଖୀନ ହେବାନେଇ ଦାରିଙ୍ଗବାଡ଼ି ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଜାକେଶ ସାମନ୍ତରାୟଙ୍କ ପ୍ରତିକ୍ରିୟା ନେବାରେ ସେ କହିଛନ୍ତି, ଆଶାକର୍ମୀ ଶିବାଜିନୀ କେଉଁ କାରଣରୁ ମା'ଗୃହକୁ ଗଲେ ନାହିଁ ଏବଂ କାହିଁକି ଏଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା ସେ ନେଇ ତଦନ୍ତ କରାଯିବ । ଅନ୍ୟପଟେ ରାସ୍ତ ଘାଟ ନଥିବା ଏଭଳି ଗାଁମାନଙ୍କରେ ଜନନୀ ଯନ୍ତ୍ରଣା ଦୂର ସହ ସୁରକ୍ଷିତ ପ୍ରସବ ପାଇଁ ମା'ଗୃହ ଅଛି । ଯେଉଁଠି ପ୍ରସବର ୧୦ଦିନ ପୂର୍ବରୁ ଗର୍ଭବତୀଙ୍କୁ ମା'ଗୃହରେ ରଖି ଯତ୍ନ ନେବାର ସମସ୍ତ ସୁବିଧା କରାଯିବା ସହିତ ଗର୍ଭବତୀଙ୍କୁ ମା ଗୃହକୁ ଆଣିବାପାଇଁ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଛନ୍ତି । ହେଲେ କେଉଁ କାରଣରୁ କନ୍ଧମାଳ ଜିଲ୍ଲାରେ ଏଭଳି ଘଟଣା ବାରମ୍ବାର ଘଟୁଛି, ସେ ନେଇ ପ୍ରଶ୍ନ ଉଠିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ କନ୍ଧମାଳ ଜିଲ୍ଲାର ଶତାଧିକ ଗାଁକୁ ଏବେ ବି ନିତିଦିନିଆ ରାସ୍ତା ଓ ମୋବାଇଲ ନେଟ୍‌ୱର୍କ ଭଳି ମୌଳିକ ସୁବିଧା ଉପଲବ୍ଧ ନାହିଁ । ଜଙ୍ଗଲ ଘେରା ଆଦିବାସୀ ଗ୍ରାମାଚଂଳରେ ରହୁଥିବା ଲୋକେ ପ୍ରତିଦିନ କଷ୍ଟ ଭୋଗୁଛନ୍ତି । ଏହି ଘଟଣା ହେଉଛି, ତାହାର ଏକ ନିଚ୍ଛକ ଉଦାହରଣ ।

ଆନନ୍ଦପୁର ବିକାଶ ଏମିତି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଆହାର କେନ୍ଦ୍ର ହେବ କେବେ ?

ଘଟଗାଁ, ୨୪/୩ (ନି/ପ୍ର): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଆହାର କେନ୍ଦ୍ର ନାହିଁ ରୋଗୀ ସହାୟକ ହନ୍ତସନ୍ତ ହେଉଛନ୍ତି । ଦୀର୍ଘ ଦିନଧରୀ ଆନନ୍ଦଉପଖଣ୍ଡ ଚିକିତ୍ସାଳୟ ରୋଗୀ ଖାଇଥିବା ବେଳେ ସହାୟକ ମାନେ ଭୋକ ଉପାସରେ କଲବଲ ହେଉଥିବା ଦେଖାଯାଉଛି ବର୍ତ୍ତମାନ ସାରା ରାଜ୍ୟରେ ସମସ୍ତ ଡାକ୍ତର ଖାନାରେ ଆହାର କେନ୍ଦ୍ର ଖୋଲିଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ ସହାୟକ ମାନେ ଚଢ଼ା ଦରରେ ଖାଦ୍ୟ ଖାଇ ହନ୍ତସନ୍ତ ହେଉଛନ୍ତି । ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଦୀର୍ଘ ଦିନ ଧରୀ ଆହାର କେନ୍ଦ୍ର ପାଇଁ ଦାବୀ କରି ଆସୁ ଥିବାବେଳେ ଚିକିତ୍ସାଳୟରେ ରୋଗୀ ସହାୟକମାନେ ଆହାର କେନ୍ଦ୍ର ନଥିବା କାରଣରୁ ରୋଗୀ ସହାୟକ ମାନେ ନିକଟରେ ଥିବା ହୋଟେଲ ରୁ ୧୦୦ ଟଙ୍କା ଦେଇ ମିଲ ଖାଉଥିବା ଜଣାପଡିଛି । ଏଥିପାଇଁ ନା ଡାକ୍ତରଖାନା ଅଧିକାରୀ କିଛି ବିକଳ୍ପ ବ୍ୟବସ୍ଥା କରିଛନ୍ତି । ନା ପ୍ରଶାସନ ପକ୍ଷରୁ ବିଚରା ରୋଗୀ ସହାୟକ ମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇଛି । କେବଳ ରୋଗୀ କୁ ଖାଦ୍ୟ ଦେଇ ନିଜର ଦାୟୀତ୍ୱ ସାରି ଦେଇଛନ୍ତି । ଅନ୍ୟପକ୍ଷରେ ଦୀର୍ଘ ଦିନ ହେଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଏକ ଆହାର କେନ୍ଦ୍ର ଖୋଲିବାପାଇଁ ଖବର କାଗଜରେ ବାରମ୍ବାର ପ୍ରକାଶ ପାଉଥିଲେ ମଧ୍ୟ ସରକାର ଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଆଜିଯାଏ ଭାଙ୍ଗିଲା ନାହିଁ ଯାହା ଫଳରେ ରୋଗୀ ସହାୟକ ମାନେ ଅନେକ ଚଢା ଦରରେ ଖାଦ୍ୟ ଖାଉଥିବା ବେଳେ ଅନେକ ଗରିବ ରୋଗୀ ସହାୟକ ଭୋକ ଉପାସରେ କଲବଲ ହେଉଥିବା କଥା ଦେଖିବାକୁ ମିଳିଛି । ଏ ସଂପର୍କରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଧିକାରୀ ଧନେଶ୍ୱରସେଠୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ନିକଟରେ ଆହାର କେନ୍ଦ୍ର ଖୋଲିବା ପାଇଁ ୪୦୦ ମିଲ ପାଇଁ ଜିଲାପାଳଙ୍କୁ ୫ଟି ସରକାର ଆସିବା ପରେ ୬ ମାସ ହେଲା ଚିଠି ଲେଖିଛନ୍ତି ବୋଲି ପ୍ରକାଶ କରିଛନ୍ତି । ଏବଂ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଗରିବ ରୋଗୀ ସହାୟକମାନଙ୍କପାଇଁ ଆହାର କେନ୍ଦ୍ର ଖୋଲିବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ଆନନ୍ଦପୁର ବିକାଶ ପାଇଁ ବିଭିନ୍ନ ଦଳର ନେତାମାନେ ଓ ବିଭିନ୍ନ ସଂଗଠନ ପକ୍ଷରୁ ଆନନ୍ଦପୁରକୁ ରେଳ ସଂଯୋଗ ପାଇଁ ଏବଂ ଆନନ୍ଦପୁରକୁ ଜିଲ୍ଲା କରିବା ପାଇଁ ଦାବୀକରି ଧାରଣାରେ ବସିଥିବା ବେଳେ ଆନନ୍ଦପୁରଡାକ୍ତରଖାନାରେ ଆହାର କେନ୍ଦ୍ର ଟିଏ ଖୋଲିବା ପାଇଁ ନା ନେତାଙ୍କର ନା ପ୍ରଶାସନର ନା ବୁଦ୍ଧିଜୀବୀ କାହାରୀ ଚିନ୍ତା ନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହେଉଛି । ବାରମ୍ବାର ଦାବୀ ପରେ ଡାକ୍ତରଖାନା ପରିଷରରେ ଆହାର କେନ୍ଦ୍ର ନଖୋଲି ସରକାରଙ୍କ ପକ୍ଷରୁ ଆନନ୍ଦପୁର ଡାକ୍ତରଖାନା ପରିସରରେ କିଛିଦିନ ତଳେ ଏକ କଫୋ ସେଣ୍ଟର ଖୋଲାଯାଇଛି ଏହା ମଧ୍ୟ ନେତାଙ୍କ ଦ୍ୱାରା ଉଦ୍ଘାଟନ କରି ତାଲା ପଡିଥିବା ଦେଖିବାକୁ ମିଳିଛି ।

ଢେଙ୍କାନାଳ ଲୋକସଭା ଆସନ :

ନୂଆ ଚେହେରାକୁ ଗୁରୁତ୍ୱ ଦେଇପାରେ ବିଜେଡି

ଅନୁଗୁଳ, ୨୪/୩ (ନି/ପ୍ର): କଂଗ୍ରେସ ଛାଡ଼ି ବିପ୍ଳବ ଜେନା ବିଜେଡିରେ ମିଶିବାପରେ ସେ ଅନୁଗୁଳ ନିର୍ବାଚନମଣ୍ଡଳୀରେ ସୀମିତ ହୋଇ ରହିନାହାନ୍ତି । ଉଭୟ ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ବିଭିନ୍ନ ଅଚଂଳ ବୁଲି ନିଜ ପୁରୁଣା ସଂଗଠନକୁ ଏକାଠି କରିବାରେ ଲ ?ାଗି ପଡ଼ିଛନ୍ତି । ତେଣୁ ସ୍ୱାଭାବିକ ଭାବେ ସେ ଢେଙ୍କାନାଳ ସାଂସଦ ଟିକେଟ୍ ଦୌଡ଼ରେ ଥିବା ସ୍ପଷ୍ଟ ହୋଇଯାଇଛି । ଏପଟେ ବିଜେଡିରେ ମିଶିବା ପରେ ଡା. ଅବିନାଶ ସାମଲ ମଧ୍ୟ ଏହି ଟିକେଟ୍ ପାଇଁ ଆଶାୟୀ ଥିବା କୁହାଯାଉଛି । ଏହାବାଦ୍ ଦଳର ଆଉ କିଛି ନେତା ଟିକେଟ୍ ? ପାଇଁ ଲବି ଚଳାଇଥିବାରୁ ବିଜେଡି ପାଇଁ ପ୍ରାର୍ଥୀ ବାଛିବା ସହଜ ହେଉନି । ଢେଙ୍କାନାଳ ଲୋକସଭା ଆସନ ୨୦୦୪ରୁ ବିଜେଡି ପାଖରେ ରହିଛି । ତଥାଗତ ସତପଥୀ ଲଗାତାର ୩ ଥର ଏଠାରୁ ସାଂସଦ ଭାବେ ଜିତିବା ପରେ ୨୦୧୯ରେ ଅପ୍ରତ୍ୟାଶିତ ଭାବେ ରାଜନୀତିରୁ ଓହରି ଯାଇଥିଲେ । ପରେ ବିଜେଡି ମହେଶ ସାହୁଙ୍କୁ ପ୍ରାର୍ଥୀ କରିଥିଲା । କଡ଼ା ମୁକାବିଲା ପରେ ମହେଶ ପ୍ରାୟ ୩୫ ହଜାର ଭୋଟ୍‌ରେ ବିଜୟୀ ହୋଇଥିଲେ । ହେଲେ ଏଥର ବିଜେଡି ପୁଣି ଥରେ ତାଙ୍କୁ ପ୍ରାର୍ଥୀ କରିବା ସମ୍ଭାବନା କମ୍ ବୋଲି ଦଳ ଭିତରୁ ସୂଚନା ମିଳିଛି । ବରଂ, ବିଧାନସଭା ପାଇଁ ଦଳ ତାଙ୍କୁ ଟିକେଟ୍ ? ଦେଇପାରେ । ହିନ୍ଦୋଳ କିମ୍ବା ପାଲଲହଡ଼ାରୁ ସେ ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି । ତେବେ ତାଙ୍କ ସମର୍ଥକଙ୍କ ମତ ହେଉଛି, ମହେଶ ପୁଣିଥରେ ଲଢ଼ିବା ପାଇଁ ପ୍ରସ୍ତୁତ ଅଛନ୍ତି । କେବଳ ଦଳୀୟ ନିର୍ଦ୍ଦେଶକୁ ଅପେକ୍ଷା ରହିଛି । ଏପଟେ ଏହି ଆସନ ଉପରେ ଦଳର ଅଧା ଡଜନ ନେତାଙ୍କ ଆଖି । ବିଜେଡିରେ ଯୋଗଦେଇଥିବା ତଥା ଗତ ବିଧାନସଭା ନିର୍ବାଚନରେ ଅନୁଗୁଳରୁ ପ୍ରାର୍ଥୀ ହୋଇଥିବା ପୂର୍ବତନ କଂଗ୍ରେସ ଜିଲ୍ଲା ସଭାପତି ବିପ୍ଳବ ଜେନା ଲୋକସଭା ପ୍ରାର୍ଥୀ ହେବା ଆଶାରେ ବିଭିନ୍ନ ନିର୍ବାଚନମଣ୍ଡଳୀ ବୁଲୁଛନ୍ତି । ତାଙ୍କ ମିଶ୍ରଣ ପର୍ବରେ ମଧ୍ୟ ଉଭୟ ଢେଙ୍କାନାଳ

ଟ୍ରକ୍ ପଛରେ ପିଟିଲା ବାଇକ୍ : ୩ ମୃତ

ଯାଜପୁର, ୨୪/୩: ଭାରସାମ୍ୟ ହରାଇ ଟ୍ରକ୍ ପଛରେ ଧକ୍କା ଦେଲା ବାଇକ୍ । ଫଳରେ ତିନି ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ୩ ଜଣ ସ୍ଥାନୀୟ ଅଂଚଳର ହୋଇଥିବା ସୂଚନା ମିଳିଛି । ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଜିନ୍ଦଲ ମୁଖ୍ୟ ଫାଟକ ସମ୍ମୁଖରେ ଆଜି ମଧ୍ୟାହ୍ନରେ ଏହି ଦୁର୍ଘଟଣା ଘଟିଛି । ଦୁର୍ଘଟଣା ପରେ ସେଠାରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ପୋଲିସ ଘଟଣାସ୍ଥଳରେ ପହଂଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରୁଛି । ସୂଚନା ଅନୁଯାୟୀ, ତିନି ଜଣ

ବିବିଧା

ଶାନ୍ତି ବାଣ୍ଟୁଛି ଶାନ୍ତିଝର

ଶଙ୍ଖଜିନୀଙ୍କ ପରିଚୟ
ଜୁରୁନି ଓ ରାଜମା

ବାହାଘରରେ ଦ୍ୱନ୍ଦ୍ୱ ପରମ୍ପରା
'ହୁଲା ନଚା'

ଆଉ ଦିଶୁନାହାନ୍ତି
ଚକୁଳିଆ ପଣ୍ଡା

ଉତ୍କଳ ସମାଚାର

ସମ୍ପାଦକୀୟ...

ସୋମବାର ୨୫ ମାର୍ଚ୍ଚ ୨୦୨୪

ଗୋଟିଏ ମଣିଷ, ଗୋଟିଏ ଗଛ

ସକାଳୁ ସକାଳୁ ଚା' ଦୋକାନରେ ବସିଥିବା ବେଳେ ଦେଖାହୋଇଗଲା ବିଜୟ ପ୍ରଧାନଙ୍କ ସହ । ସକାଳର ଶୁଭେଚ୍ଛା ଜଣାଉ ଜଣାଉ ଆରମ୍ଭ କଲେ, ଭାଇନା କି ଖରା ! ଚଳିତ ବର୍ଷ ଫେବୃଆରୀରୁ ଖରା ବାଘ ଭଳିଆ ମାଡିଆସିଲାଣି । ଏବେ ଠାରୁ ମୁଣ୍ଡଫଟା ଖରା ସକାଳ ୧୧ଟା ପରେ ପଦାକୁ ବାହାରିବା କଷ୍ଟକର ହୋଇପଡୁଛି । ମୁଁ ଅଳପ ହସି କହିଲି- ବିଜୟ ବାବୁ, ଆମେ ସିନା ପଢିଲା ବେଳେ ପଢୁଥିଲୁ ବରଷକ ବାରମାସ, ଛଅ ଋତୁ । ଏବେ କିନ୍ତୁ ଛଅ ଋତୁ ସାତ ସପନ । ଋତୁ କହିଲେ ଏବେ ଗ୍ରୀଷ୍ମ, ବର୍ଷା, ଶୀତ । ଗ୍ରୀଷ୍ମର ପ୍ରକୋପ ଆଗରେ ହଜୁଛି ବସନ୍ତ, ଶରତ, ହେମନ୍ତ । ବିଶେଷକରି ଗ୍ରୀଷ୍ମର ପ୍ରକୋପ ଆଗରେ ଋତୁରାଜ ବସନ୍ତ ହଜିଯାଉଛି । ବିଜୟ ବାବୁ ମୋ କଥା ସହ ଏକମତ ହୋଇ କହିଲେ ହଁ ଭାଇନା, ଏହା ଠିକ୍ କଥା । ଏବେଠୁ ତ ଖରାର ପ୍ରକୋପ ଜଳେଇଲାଣି । ଆଗକୁ ଏହା ଆହୁରି ଅସମ୍ଭାଳ ହେବ । ଏବର୍ଷ ଫେବୃଆରୀ ମଧ୍ୟଭାଗରୁ ରାଜଧାନୀ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହରଭାବେ ପରିଚିତ ହୋଇଛି । ଏଠି ସର୍ବାଧିକ ତାପମାତ୍ରା ୪୦.୪ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି । ପୂର୍ବରୁ ମଧ୍ୟ ଫେବୃଆରୀରେ ରାଜଧାନୀରେ ତାପମାତ୍ରା ୪୦ଡିଗ୍ରୀ ପାର କରିବାର ରେକର୍ଡ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା ।ବିଗତ ଦିନରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ସର୍ବାଧିକ ତାପମାତ୍ରା ଚଳିତବର୍ଷ ଭାଙ୍ଗିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି । ରାଜ୍ୟର ତାପମାତ୍ରା ଆଗକୁ ଆହୁରି ବଢିବ ବୋଲି ସୂଚନା ମିଳିଛି । ଗତ ଶନିବାର ୧୦ଟି ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବିଜୁଳି ଘଡଘଡି ସହିତ ବର୍ଷା ହୋଇଛି । ଏଥିଯୋଗୁଁ ଗ୍ରୀଷ୍ମରୁ ସାମାନ୍ୟ ହ୍ରାସ ପାଇଛି । ଏସବୁ ସତ୍ତ୍ୱେ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ତଥାପି ଆହୁରି ୩ଦିନ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଏପରିକି କେତେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ୩ଡିଗ୍ରୀରୁ ୫ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ବଢିବ । ବର୍ତ୍ତମାନ ବାୟୁମଣ୍ଡଳରେ ଜଳୀବାଷ୍ପ କମ୍ ଥିବାରୁ ଉତ୍ତାପ ବଢି ଚାଲିଛି । ସେହିପରି ଆସନ୍ତା ଦିନରେ ରାଜ୍ୟର ତାପମାତ୍ରା ବଢିବା ସହ ୨୦୨୧ ଉତପ୍ତ ବର୍ଷ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଏଥିସହିତ ଚଳିତ ବର୍ଷ ଖରାଦିନ ଶୀଘ୍ର ଆସିଛି ଓ ଏହାର ଅବଧି ଲମ୍ବା ହେବ ବୋଲି କୁହାଯାଉଛି । ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ସୂଚନାଅନୁଯାୟୀ ମାର୍ଚ୍ଚ ୧ ସୁଦ୍ଧା ଅନୁଗୁଳ, ତାଳଚେର, ଟିଟିଲାଗଡ, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଭବାନୀପାଟଣା, ନୟାଗଡ ଓ ମାଲକାନଗିରିରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁପାରେ । ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ନ୍ତନ ହେବାର ନାହିଁ । ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି । ଏପରିକି କଟକ ଓ ଭୁବନେଶ୍ୱର ସହରରେ ମଧ୍ୟ ତାତି ଚିନ୍ତାଜନକ ହୋଇରହିବ । ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମାସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି । ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଚଂଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟ ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ । ସୂଚନାଯୋଗ୍ୟ ଯେ, ୧୯୯୮ମସିହାରେ ରାଜ୍ୟରେ ଅଂଶୁଘାତରେ ୨୦୪୨ ଜଣଙ୍କ ଜୀବନ

ଜଳ ପରୀ



ପ୍ରକାଶ ଥାଉ କି ସଂପ୍ରତି ବିଭିନ୍ନ କାରଣରୁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଚଂଳ ବିକ୍ଷୁବ୍ଧ ହୋଇ ଉଠିଛି; ସର୍ବାଧିକ ସଂଖ୍ୟକ ଜାହାଜ ଚଳାଚଳ କରୁଥିବା ଏହି ଅ☆ଳ ରଣନେ ?ତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଠାରେ ଆଧିପତ୍ୟ ବିସ୍ତାର କରିବା ଲାଗି ଚୀନ, ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ରୁଷିଆ ଇତ୍ୟାଦି ଭଳି ରାଷ୍ଟ୍ରର ଉଚ୍ଚ ସାମରିକ ଶକ୍ତି ସଂପନ୍ନ ରଣତରୀମାନ ପଇଁତରା ମାରିବାରେ ବ୍ୟସ୍ତ, ଯାହା ଏହି ଅ☆ଳକୁ ଅନେକ ସମୟରେ ଉତ୍ତପ୍ତ କରି ରଖିଥାଏ ମଧ୍ୟ ! କିନ୍ତୁ ସତ କଥାଟି ହେଲା, ପତିଆରା ସୃଷ୍ଟି ଲାଗି ଶକ୍ତି ପ୍ରଦର୍ଶନରେ ବ୍ୟାପୃତ ରାଷ୍ଟ୍ରମାନଙ୍କ ପରିବର୍ନ୍ତେ ଭାରତ ଏହି ଅ☆ଳର ଏକ ହୃଦୟବାନ ଅଭିଭାବକ ରୂପେ ପ୍ରତିଭାତ ହେବାକୁ ଆରମ୍ଭ କରିଛି । ସାଧାରଣ ନିର୍ବାଚନ ରାଷ୍ଟ୍ରର ଦ୍ୱାର ଦେଶରେ ଉଭା ହୋଇଥିବା କାରଣରୁ ସୃଷ୍ଟ ରାଜନେ ?ତିକ ହଟଚମଟ ଭିତରେ ଯେଉଁ ଏକ ଚମକପ୍ରଦ ସମ୍ବାଦ ପ୍ରାୟ ବିଲୀନ ହୋଇଯାଇଛି, ତାହା ହେଲା 'ଇଣ୍ଡୋ-ପାସିଫିକ୍ ?' ବା 'ଭାରତ-ପ୍ରଶାନ୍ତ ମହାସାଗରୀୟ' ଅ☆ଳରେ ଭାରତୀୟ ନେ ?-ସେନା ପକ୍ଷରୁ ଅପୂର୍ବ ସାହସିକତାର ପ୍ରଦର୍ଶନ; ଯଦ୍ଦ୍ୱାରା ସୋମାଲୀ ଜଳ ଦସ୍ୟୁଙ୍କ ଦ୍ୱାରା ଅପହୃତ ହୋଇ ସେମାନଙ୍କ ଅକ୍ତିଆରରେ ରହିଥିବା ପଣ୍ୟବାହୀ ଜାହାଜ 'ଏମ୍ ?.ଭି. ରୁଏନ୍ ?' ଓ ତାହାର ୧୭ ଜଣିଆ ଚାଳକ-କର୍ମଚାରୀ ଦଳ ସଂପୂର୍ଣ୍ଣ ସୁରକ୍ଷିତ ଅବସ୍ଥାରେ ମୁକ୍ତ ହେବା ସହିତ ସମସ୍ତ ୩୫ ଜଣ ଯାକ ଜଳ ଦସ୍ୟୁ ବନ୍ଦୀ ହୋଇଛନ୍ତି । ଗଲା ଡିସେମ୍ବର ୧୪ ତାରିଖରୁ ମଝି ଦରିଆରେ ଅସହାୟ ହୋଇ ଯାଇଥିବା ଏହି ଜାହାଜର ପରିତ୍ରାଣ କାହିଁକି ବିଭିନ୍ନ କାରଣରୁ ଗୁରୁତ୍ୱପୂର୍ଣ୍ଣ, ତାହା ବୁଝିବା ସକାଶେ ଏ ସଂପର୍କରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରକାଶ ଥାଉ କି 'ଅପରେସନ ସଂକଳ୍ପ' ନାମକ ଏକ ଅତ୍ୟନ୍ତ ଦୁଃସାହସିକ ପ୍ରକରଣ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ ସଂପନ୍ନ ହୋଇଥିଲା, ଯାହା ସଂପୂର୍ଣ୍ଣ ହେବା ପାଇଁ ଲାଗି ଯାଇଥିଲା ଚାଳିଶ ଘଟାଂ । ଅପହରଣ କରି ନେବା ପରଠାରୁ ପ୍ରାୟ ତିନି ମାସରୁ ଅଧିକ କାଳ ଧରି ଅତ୍ୟନ୍ତ ନିଷ୍ଠୁର ଭାବେ କୁଖ୍ୟାତ ସଶସ୍ତ୍ର ସେମାଲୀ ଜଳଦସ୍ୟୁମାନେ ଜାହାଜଟିକୁ ଏକ ୟେମେନୀ ଦ୍ୱୀପ ନିକଟରେ 'ମଦର ସିପ୍' ଭାବେ ବ୍ୟବହାର କରୁଥିଲେ, ଯାହାର ଅର୍ଥ ସମୁଦ୍ର ବକ୍ଷରେ ଏକ 'ମୁଖ୍ୟ ଆଡ୍ ?ଡା' ଯହିଁରୁ ଅନ୍ୟାନ୍ୟ ଜାହାଜ ଲୁଣ୍ଠନର ଉଦ୍ୟମ କରାଯାଇପାରେ ! ଏଭଳି ଅପହରଣ ଉଦ୍ୟମରେ ଏକ ସୁପରିଚିତ ଆତ୍ମରକ୍ଷା କେ ?ଶଳ ଭାବେ ଏହି ଜଳ ଦସ୍ୟୁମାନେ ଜାହାଜର କର୍ମଚାରୀମାନଙ୍କୁ 'ମାନବ ଢାଲ' ରୂପେ ବ୍ୟବହାର କରିଥାଆନ୍ତି, ଯାହା ଅଗତ୍ୟା ଜାହାଜ ଉଦ୍ଧାର କାର୍ଯ୍ୟକୁ ଅସମ୍ଭବ କରି ପକାଏ । ଏହିଭଳି ଏକ ସ୍ଥିତିରେ ଉପଯୁକ୍ତ କ୍ଷଣ ଉପସ୍ଥିତ ବୋଲି ଠଉରାଇବା ଲାଗି ଯେଉଁ ଏକାଗ୍ର ଦୃଷ୍ଟି ରଖିବା ତାହା ସମ୍ଭବତଃ ରଖାଯାଇଥିଲା ବୋଲି ଗଲା ଶନିବାର ଦିନ ଭାରତୀୟ ନୌ-ସେନା ଏ ଦିଗରେ ସହସା ପଦକ୍ଷେପ ନେଇଥିଲା, ଯହିଁରେ କ୍ଷେପଣାସ୍ତ୍ର ବିଧ୍ୱଂସକାରୀ ରଣତରୀ 'ଆଇଏନ୍ଏସ୍ କୋଲକାତା' ଏବଂ ସେହି ଅଂଚଳ ଉପରେ ନିରନ୍ତର ନିଗା ରଖୁଥିବା ପ୍ରହରୀ ଜାହାଜ 'ଆଇଏନ୍ଏସ୍ ସୁଭଦ୍ରା' ଚମକପ୍ରଦ ସମନ୍ୱୟ ସହିତ ଉଦ୍ୟମ ପ୍ରାରମ୍ଭ କରିଥିଲେ; ଡ୍ରୋନ୍ ? ଦ୍ୱାରା ସ୍ଥିତି ଆକଳନ କରାଯିବା ପରେ ନୌ-ସେନା ଦ୍ୱାରା ଜଳ ଦସ୍ୟୁମାନଙ୍କ ଉଦ୍ଦେଶ୍ୟରେ ଚେତାବନୀମୂଳକ 'ଫାୟାରିଂ' କରାଯାଇଥିଲା, ଯାହାର ପ୍ରତ୍ୟୁତ୍ତର ମିଳିଥଲା ଜଳ ଦସ୍ୟୁମାନଙ୍କ ପାଲଟା ଗୋଳା ବର୍ଷଣରେ ! ତେବେ, ଜଳ ଦସ୍ୟୁଙ୍କ ଗୁଳି ମାଡ଼ରେ ଭାରତୀୟ ନୌ-ସେନାର ଡ୍ରୋନ୍‌ଟି କ୍ଷତିଗ୍ରସ୍ତ ହେବା ସହିତ ହିଁ ନୂଆଦିଲ୍ଲୀରୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଅନୁମତି ମିଳିଯାଇଥିଲା । ସୁତରାଂ, ସି-୧୭ ଯୁଦ୍ଧ ବିମାନ ସାହାଯ୍ୟରେ ସୁଦକ୍ଷ 'ମାର୍କୋସ୍' (ମେରାଇନ୍ କମାଣ୍ଡୋ) ସଦସ୍ୟମାନଙ୍କୁ ଅତ୍ୟନ୍ତ ସଫଳତାର ସହିତ ଜାହାଜରେ ଅବତରଣ କରାଯାଇ ବିନା ରକ୍ତପାତରେ ଉଦ୍ଧାର କାର୍ଯ୍ୟ ସମାପନ କରାଯାଇଥିଲା । ଏଥିରେ ସମସ୍ତ କର୍ମଚାରୀ ସୁରକ୍ଷିତ ଭାବେ ରକ୍ଷା ପାଇବା ସହିତ ଜଳ ଦସ୍ୟୁମାନଙ୍କୁ ଗିରଫ କରାଯାଇଥିଲା । ଏକ ବୁଲଗେରୀୟ କଂପାନି ଦ୍ୱାରା ପରିଚାଳିତ ଏହି ପଣ୍ୟବାହୀ ଜାହାଜର କର୍ମଚାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ୭ ଜଣ ବୁଲଗେରୀୟ ଏବଂ ଜଣେ ଆଙ୍ଗୋଲୀୟ ଏବଂ ୯ ଜଣ ମ୍ୟାନ୍ ?ମାର ବାସିନ୍ଦା । କହିବା ବାହୁଲ୍ୟ ଯେ ଭାରତୀୟ ନେ ?-ସେନାର ଏହି ଦୁଃସାହସିକ ଅଭିଯାନର ଫଳାଫଳ ବୁଲଗେରୀୟ ସରକାରଙ୍କୁ ପୁଲକିତ କରିଥିବ, ଯାହା ସେ ଦେଶର ତତ୍ ?କାଳୀନ ଉପପ୍ରଧାନମନ୍ତ୍ରୀ ମାରିଆ ଗାବ୍ରିଏଲ୍ ? ଏବଂ ରାଷ୍ଟ୍ରପତି ରୁମେନ ରାଡେଭ୍ ?ଙ୍କ ବାର୍ନ୍ତାରୁ ସ୍ପଷ୍ଟ; ଯହିଁରେ ସେମାନେ ଭାରତ ସରକାରଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । କହିବା ବାହୁଲ୍ୟ ଯେ ଏହା ସହିତ ପରାକ୍ରମୀ ଭାରତୀୟ ନେ ?-ବଳ ଶତ୍ରୁକୁ ପରାହତ କରିବାର ସାମର୍ଥ୍ୟ ପ୍ରତିପାଦନ କରିବା ସହିତ ହୃଦୟ ଜିଣିବାରେ ମଧ୍ୟ ସମର୍ଥ ହୋଇଛି । ତେବେ, କେବଳ ଏହି ଗୋଟିକ ନୁହେଁ; ଭାରତୀୟ ତଟରୁ ଅନେକ ଦୂରରେ, ଭାରତ-ପ୍ରଶାନ୍ତ ମହାସାଗରୀୟ ଅ☆ଳରେ ଭାଗ୍ୟର ସୂତା ଖିଅରେ ଭାସମାନ ଅନେକ ଅସହାୟ ଜାହାଜଙ୍କୁ ଭାରତୀୟ ନେ ?-ସେନା ଗଲା ତିନି ମାସ ମଧ୍ୟରେ ଉଦ୍ଧାର କରି ସାରିଲାଣି; ଯହିଁରେ ଭାରତୀୟ ସ୍ୱାର୍ଥ ପ୍ରାୟତଃ ଜଡ଼ିତ ନ ଥାଏ । ଗଲା ଜାନୁଆରି ମାସରେ ଏଫ.ଭି. ଓମାରି, ଏଫ୍ ?.ଭି. ଅଲ ନାଏମି ଏବଂ ଏଫ୍.ଭି. ଇମାନ ନାମଧାରୀ ତିନିଟି ଇରାନୀ ମାଛ ଧରା ଜାହାଜକୁ ଭାରତୀୟ ନେ ?-ସେନା ସଫଳତାର ସହିତ ସେମାଲୀ ଜଳଦସ୍ୟୁମାନଙ୍କ କବଳରୁ ମୁକ୍ତ କରିଥିଲେ, ଯେଉଁ ତିନିଟି ଘଟଣାରେ ଇରାନ ଓ ପାକିସ୍ତାନର ମୋଟ ୫୪ ଜଣ କର୍ମଚାରୀ ଅକ୍ଷତ ଅବସ୍ଥାରେ ରକ୍ଷା ପାଇଥିଲେ । ସେହିଭଳି ଜାନୁଆରି ମାସରେ 'ଏମ୍.ଭି. ଲୀଳା ନରଫକ୍ ?ସ' ନାମକ ଏକ ବିଶାଳ ବ୍ରିଟିସ ପଣ୍ୟବାହୀ ଜାହାଜକୁ ମଧ୍ୟ 'ଗଲ୍ ?ଫ ଅଫ ଏଡେନ୍ ?' ଠାରେ ଭାରତୀୟ ନେ ?-ସେନା ଅଜ୍ଞାତ ଜଳ ଦସ୍ୟୁମାନଙ୍କ କବଳରୁ ଉଦ୍ଧାର କରିଥିଲେ ଏବଂ ସେହି 'ଗଲ୍‌ଫ ଅଫ ଏଡେନ୍'ରେ ଆଉ ଏକ ବ୍ରିଟିସ ପଣ୍ୟବାହୀ ଜାହାଜ 'ଏମ.ଭି ମାର୍ଟିନ ଲୁଆଣ୍ଡା'କୁ ଅଗ୍ନିଗର୍ଭସାତ୍ ହେବା ପୂର୍ବରୁ ରକ୍ଷା କରିପାରିଥିଲେ । ପ୍ରକାଶ ଥାଉ କି ଏହି ଦିଗନ୍ତ ବିସ୍ତାରୀ ସମୁଦ୍ର ବକ୍ଷରେ ବିପଦଗ୍ରସ୍ତ ଜାହାଜମାନଙ୍କ ଠାରୁ ଆସୁଥିବା 'ଡିସ୍‌ଟ୍ରେସ୍ କଲ୍' ବା 'ଆର୍ତ୍ତ ଡାକ' ଭାରତୀୟ ନୌ-ସେନାର କର୍ଣ୍ଣ କୁହରରେ ସମ୍ଭବତଃ ସବୁଠାରୁ ଅଧିକ ପ୍ରବେଶ କରିଥାଏ, ଯେଉଁ କାରଣରୁ ଅଯାଚିତ ଭାବେ ଭାରତୀୟ ନୌ-ସେନା ସେମାନଙ୍କ ଲାଗି ତ୍ରାଣକର୍ନ୍ତାର ଭୂମିକାରେ ଅବତୀର୍ଣ୍ଣ ହେବାରେ ଲାଗିଛି । ବୁଲଗେରୀୟ ରାଷ୍ଟ୍ରପତିଙ୍କ କୃତଜ୍ଞତା ଜ୍ଞାପନ ପରିପ୍ରେକ୍ଷୀରେ ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଉତ୍ତର ଥିଲା : 'ବନ୍ଧୁମାନେ ଆଉ କେଉଁଥି ଲାଗି ଥାଆନ୍ତି' ପ୍ରକାଶ ଥାଉ କି ସଂପ୍ରତି ବିଭିନ୍ନ କାରଣରୁ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଚଂଳ ବିକ୍ଷୁବ୍ଧ ହୋଇ ଉଠିଛି ; ସର୍ବାଧିକ ସଂଖ୍ୟକ ଜାହାଜ ଚଳାଚଳ କରୁଥିବା ଏହି ଅଚଂଳ ରଣନେ ?ତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏଠାରେ ଆଧିପତ୍ୟ ବିସ୍ତାର କରିବା ଲାଗି ଚୀନ, ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ରୁଷିଆ ଇତ୍ୟାଦି ଭଳି ରାଷ୍ଟ୍ରର ଉଚ୍ଚ ସାମରିକ ଶକ୍ତି ସଂପନ୍ନ ରଣତରୀମାନ ପଇଁତରା ମାରିବାରେ ବ୍ୟସ୍ତ, ଯାହା ଏହି ଅଚଂଳକୁ ଅନେକ ସମୟରେ ଉତ୍ତପ୍ତ କରି ରଖିଥାଏ ମଧ୍ୟ ! କିନ୍ତୁ ସତ କଥାଟି ହେଲା, ପତିଆରା ସୃଷ୍ଟି ଲାଗି ଶକ୍ତି ପ୍ରଦର୍ଶନରେ ବ୍ୟାପୃତ ରାଷ୍ଟ୍ରମାନଙ୍କ ପରିବର୍ନ୍ତେ ଭାରତ ଏହି ଅଚଂଳର ଏକ ହୃଦୟବାନ ଅଭିଭାବକ ରୂପେ ପ୍ରତିଭାତ ହେବାକୁ ଆରମ୍ଭ କରିଛି । ସୁତରାଂ, ସେହି ଅଚଂଳରେ ସର୍ବଦା ପଇଁତରା ମାରି 'ଆର୍ତ୍ତ ଡାକ'କୁ କାନ ଡେରି ବିପନ୍ନଙ୍କ ଉଦ୍ଧାରରେ ବ୍ରତୀ ହୋଇଥିବା 'ଆଇଏନ୍ଏସ୍ ସୁଭଦ୍ରା' ବା 'ଆଇଏନ୍ଏସ୍ ସୁମିତ୍ରା' ବା 'ଆଇଏନ୍ଏସ୍ ଶାରଦା' ଆଦି ବସ୍ତୁତଃ ଜଳପରୀରେ ପରିଣତ ହୋଇଛନ୍ତି ।

ମୋଦିଙ୍କ ସଫଳତା

ବିଶ୍ୱର ନେତାମାନଙ୍କୁ ଲୋକଙ୍କ ପସନ୍ଦ ଅନୁସାରେ ଦେଖିଲେ ନରେନ୍ଦ୍ର ମୋଦି ଏବେ ସବୁଠୁ ଆଗରେ ରହିଛନ୍ତି । ଆମେରିକାର ମର୍ଣ୍ଣି କନସଲ୍‌ଟ ନାମକ ଏକ ସଂସ୍ଥା ନିକଟରେ ଯେଉଁ ରେଟିଂ ପ୍ରଦାନ କରିଛି ସେଥିରେ ବିଶ୍ୱର ପ୍ରମୁଖ ୧୩ଜଣ ନେତାଙ୍କ ମଧ୍ୟରେ ମୋଦି ୭୭ ପ୍ରତିଶତ ଲୋକଙ୍କ ପସନ୍ଦରେ ପ୍ରଥମ ସ୍ଥାନରେ ରହିଛନ୍ତି । ମାର୍ଚ୍ଚ ମାସ ୧୮ତାରିଖରେ ଏହି ରେଟିଂ ତାଲିକା ପ୍ରକାଶ ପାଇଛି । ଜାନୁଆରୀ ୨୦୨୦ରୁ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ପ୍ରଥମ ସ୍ଥାନରେ ରହିଛନ୍ତି । ମାର୍ଚ୍ଚ ମାସ ୯ରୁ ୧୫ ମଧ୍ୟରେ ଏହି ସର୍ବେକ୍ଷଣ ହୋଇଥିଲା । ମୋଦିଙ୍କ ପଛକୁ ମେକସିକୋର ଆନ୍ଦ୍ରେଜ ମାନୁଏଲ ଲୋପେଜ୍ ୬୩ ପ୍ରତିଶତ, ଇଟାଲୀର ମାରିଓ ଦ୍ରାଘି ୫୪ ପ୍ରତିଶତ, ଜର୍ମାନୀର ଓଲାଫ ସ୍କଲଜ୍ ୪୫ପ୍ରତିଶତ, ଜାପାନର ଫୁମିଓ କିସିଡା ୪୨ପ୍ରତିଶତ, କାନାଡାର ଜଷ୍ଟିନ ଟ୍ରୁଡେଉ ୪୨ପ୍ରତିଶତ, ଆମେରିକାର ଜୋ ବାଇଡେନ ୪୧ପ୍ରତିଶତ, ଫ୍ରାନ୍ସର ଇମାନୁଏଲ ମାକ୍ରୋନ ୪୧ପ୍ରତିଶତ, ଅଷ୍ଟ୍ରେଲିଆର ସ୍କଟ ମରିସନ ୪୧ ପ୍ରତିଶତ, ଦକ୍ଷିଣ କୋରିଆର ମୁନ୍ ଜାଇ -ଇନ୍ ୪୦ପ୍ରତିଶତ, ବ୍ରାଜିଲର ଜୈର ବୋଲସେନାରୋ ୩୯ ପ୍ରତିଶତ, ସ୍ପେନର ପେଡ୍ରୋ ସାନ୍ଚେଜ୍ ୩୮ପ୍ରତିଶତ ଏବଂ ବ୍ରିଟେନର ବୋରିସ ଜନ୍‌ସନ୍ ୩୩ ପ୍ରତିଶତ ଲୋକଙ୍କ ପସନ୍ଦର ନେତା ରହିଛନ୍ତି । ୨ମଇ ୨୦୨୦ରେ ମୋଦିଙ୍କ ପସନ୍ଦ ହାର ସର୍ବାଧିକ ୮୪ପ୍ରତିଶତ ରହିଥିଲା । ଗତବର୍ଷ ୭ମଇ ୨୦୨୧ରେ ଏହି ହାର ସର୍ବନିମ୍ନ ୬୩ପ୍ରତିଶତ ରହିଥିଲା । କେବଳ ଦେଶ ଭିତରେ ଯେ ମୋଦି ପସନ୍ଦର ନେତା ତା ନୁହେଁ, ବିଦେଶରେ ମଧ୍ୟ ସେ ଅନେକ ରାଷ୍ଟ୍ରରୁ ସମ୍ମାନିତ ହୋଇଛନ୍ତି । ସାଉଦି ଆରବ ପକ୍ଷରୁ ପ୍ରଦତ ଅଣମୁସଲିମ ନେତୃତ୍ୱଙ୍କୁ ପ୍ରଦାନ କରାଯାଉଥିବା ଅର୍ଡର ଅଫ ଅବଦୁଲ୍ଲାଜିଜ ଅଲ ସାଉଦ (୨୦୧୬), ଆଫଗାନିସ୍ଥାନର ସର୍ବୋଚ୍ଚ ନାଗରିକ ସମ୍ମାନ ଷ୍ଟେଟ ଅର୍ଡର ଅଫ ଅମିର ଅମାନୁଲ୍ଲା ଖାଁ (୨୦୧୬), ପାଲେଷ୍ଟାଇନର ବିଦେଶୀଙ୍କୁ ପ୍ରଦନ୍ତ ସର୍ବୋଚ୍ଚ ପୁରସ୍କାର ଗ୍ରାଣ୍ଡ କଲାର ଅଫ୍ ଦି ଷ୍ଟେଟ୍ ଅଫ ପାଲେଷ୍ଟାଇନ (୨୦୧୬), ୟୁନାଇଟେଡ୍ ଆରବ ଅମିରାତ ପକ୍ଷରୁ ପ୍ରଦନ୍ତ ସର୍ବୋଚ୍ଚ ନାଗରିକ ସମ୍ମାନ (୨୦୧୯) ରୁଷିଆର ସର୍ବୋଚ୍ଚ ନାଗରିକ ସମ୍ମାନ ଅର୍ଡର ଅଫ୍ ସେଂଟ ଆଣ୍ଡ୍ରିଉ (୨୦୧୯), ମାଳଦ୍ୱୀପର ବିଦେଶୀଙ୍କୁ ପ୍ରଦନ୍ତ ସର୍ବୋଚ୍ଚ ସମ୍ମାନ ରୁଲ ଅଫ ନିସାନ ଇଜ୍ଜୁଦ୍ଦୀନ (୨୦୧୯), ବାହାରିନ୍‌ର ସର୍ବୋଚ୍ଚ ପୁରସ୍କାର କିଙ୍ଗ ହମଦ ଅର୍ଡର ଅଫ୍ ରେନେସାଁ (୨୦୧୯), ଆମେରିକା ସେନା ପକ୍ଷରୁ ପ୍ରଦନ୍ତ ଲେଜିଅନ୍ ଅଫ ମେରିଟ୍ (୨୦୨୦) ସମ୍ମାନରେ ସେ ସମ୍ମାନିତ ହୋଇଛନ୍ତି । ଏହାବାଦ କେତେକ ସଂଗଠନ ପକ୍ଷରୁ ମୋଦିଙ୍କୁ ମଧ୍ୟ ସମ୍ମାନ ପ୍ରଦାନ କରାଯାଇଛି । ଦକ୍ଷିଣ କୋରିଆର ସିଓଲ ପିସ ପ୍ରାଇଜ (୨୦୧୮), ଜାତିସଂଘର ସର୍ବୋଚ୍ଚ ପରିବେଶ ପୁରସ୍କାର ଚମ୍ପିଅନ ଅଫ ଦି ୟର୍ଥ ଆୱାର୍ଡ (୨୦୧୮), ଫିଲିପକୋଟଲର ରାଷ୍ଟ୍ରପତି ପୁରସ୍କାର (୨୦୧୯), ବିଲ ଏଣ୍ଡ୍ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ ପାଇଁ ପ୍ରଦନ୍ତ ଗ୍ଲୋବାଲ ଗୋଲକିପର ପୁରସ୍କାର (୨୦୧୯), କେମ୍ବ୍ରିଜ୍ ଏନର୍ଜି ରିସର୍ଚ୍ଚ ଆସୋସିଏଟ୍ସ(ସେରା) ପକ୍ଷରୁ ପ୍ରଦନ୍ତ ଗ୍ଲୋବାଲ ଏନର୍ଜୀ ଏଣ୍ଡ ଏନ୍‌ଭିରନମେଂଟ ଲିଡରସିପ୍ ପୁରସ୍କାର (୨୦୨୧) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଇଛନ୍ତି । ନିକଟରେ ଅନୁଷ୍ଠିତ ପା☆ଗୋଟି ରାଜ୍ୟର ବିଧାନସଭା ନିର୍ବାଚନରେ ବିଜେପି ପୂର୍ବରୁ କ୍ଷମତାରେ ଥିବା ଚ୍ଚରିଗୋଟି ରାଜ୍ୟରେ କ୍ଷମତାସୀନ ହେବା ମୋଦିଙ୍କ ପାଇଁ ଖୁସିର କଥା । କାରଣ ସବୁ ରାଜ୍ୟରେ ନିର୍ବାଚନ ପ୍ରଚ୍ଚରରେ ଯାଇ ସେ ଦଳର ମୁଖ୍ୟ ପ୍ରଚ୍ଚରକର୍ନ୍ତା ହୋଇଥିଲେ । ଭିନ୍ନ ଭିନ୍ନ ରାଜ୍ୟରେ ସେ ନିଜେ ଏକ ବିଷୟ ପାଲଟିଥିଲେ । ପ୍ରାଦେଶିକ ସରକାରଙ୍କୁ ଜନବିରୋଧ ନିକଟରେ ସେ ଭାରୀ ହୋଇଥିଲେ । ତାଙ୍କର ଦେଶ ଓ ବିଦେଶରେ ନେତୃତ୍ୱ ତଥା ସମସ୍ୟା ସମାଧାନରେ ଦକ୍ଷତା ଭୋଟରଙ୍କୁ ଅଧିକ ପ୍ରଭାବିତ କରିବାରେ ସହାୟକ ହୋଇଥିଲା । ଯେଉଁଥିପାଇଁ ବିରୋଧୀ ଦଳଙ୍କ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ମଣିପୁର ଏବଂ ଗୋଆରେ ବିଜେପିର ସରକାର ପୁନର୍ବାର କ୍ଷମତାକୁ ଫେରିଛି । ଦେଶରେ କୃଷି ଉତ୍ପାଦନର ତିନିଗୁଣା ବୃଦ୍ଧି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୋଦି ୨୦୨୦ରେ ଯେଉଁ କୃଷିବିଲ୍ ଲାଗୁ କରିଥିଲେ ତାହା କିପରି ଭଲଥିଲା ଏବେ ସୁପ୍ରିମକୋର୍ଟଙ୍କ ରିପୋର୍ଟରୁ ଜଣାପଡିଛି । ଉକ୍ତ ବିଲକୁ ଦେଶର ୮୬ପ୍ରତିଶତ କୃଷକ ସଂଗଠନ ସମର୍ଥନ କରୁଥିଲା ବେଳେ ମାତ୍ର ୧୪ପ୍ରତିଶତ କୃଷକ ସଂଗଠନ ବିରୋଧ କରୁଥିବା ବିଷୟ ସୁପ୍ରିମକୋର୍ଟର କମିଟି ପ୍ରକାଶ କରିଛନ୍ତି । ତେଣୁ ଦିଲ୍ଲୀ ସୀମାରେ ଦୀର୍ଘ ଏକ ବର୍ଷ ବ୍ୟାପି ଆନ୍ଦୋଳନ, ହିଂସାକାଣ୍ଡ ଆଦି ତାମସା ସଦୃଶ ଥିଲା ବୋଲି ଏଥିରୁ ପ୍ରମାଣିତ । ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ଯେ ଦୂରଦୃଷ୍ଟି ସଂପନ୍ନ ଥିଲା ତାହା ବେଶ୍ ସ୍ପଷ୍ଟ । ଇତି ମଧ୍ୟରେ ଉକ୍ତ ବିଲକୁ କେନ୍ଦ୍ର ସରକାର ଫେରାଇ ନେଇଥିଲେ ହେଁ ପୁନର୍ବାର ଲାଗୁ କରିବାର ଯଥେଷ୍ଟ ଯୁକ୍ତି ରହିଛି । ସଂପ୍ରତି ରୁଷ-ୟୁକ୍ରେନ ମଧ୍ୟରେ ଏକମାସରୁ ଅଧିକ କାଳ ହେଲା ଯୁଦ୍ଧ ଜାରିଥିଲା ବେଳେ ଜାତିସଂଘରେ ସନ୍ତୁଳିତ ବ୍ୟବହାର ପ୍ରଦର୍ଶନ ସହ ଦୁଇଦେଶର ରାଷ୍ଟ୍ରପତିମାନଙ୍କ ସହ ଆଲୋଚନା ଜାରିରଖି କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମାନବିକ ସହାୟତା ଭାରତ ସରକାର ପଠାଇଛନ୍ତି । ଯୁଦ୍ଧର ଘନଘଟା ମଧ୍ୟରେ ୟୁକ୍ରେନରେ ଅଟକି ରହିଥିବା କୋଡିଏ ହଜାରରୁ ଅଧିକ ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଗଙ୍ଗା ପ୍ରଧାନମନ୍ତ୍ରୀଙ୍କ ଏକ ସଫଳ ପଦକ୍ଷେପ ଥିଲା ବୋଲି କହିହେବ । ଏଥିରେ ପୋଲାଣ୍ଡ, ହଙ୍ଗେରୀ, ମାଲଡୋରା, ସ୍ଲୋଭାକିଆ, ରୁଷିଆ ଆଦି ଦେଶରୁ ଭାରତୀୟଙ୍କୁ ଅଣାଯିବା ପରେ ସେଠାରୁ ଦେଶକୁ ସ୍ୱତନ୍ତ୍ର ବିମାନ ଯୋଗେ ଫେରାଇ ଅଣାଯାଇଥିଲା । ଏଥିପାଇଁ ୪ଜଣ କ୍ୟାବିନେଟ ମନ୍ତ୍ରୀଙ୍କୁ ବିଦେଶକୁ ପଠାଇବା ସହ ଦେଶର ଭିନ୍ନ ଭିନ୍ନ ବିମାନ ବନ୍ଦରରେ ସେମାନଙ୍କ ବ୍ୟବସ୍ଥିତ ଯାତ୍ରା ପାଇଁ ଅନେକ କେନ୍ଦ୍ରମନ୍ତ୍ରୀ ନିଯୁକ୍ତ ହୋଇଥିଲେ । ଏହା ପୂର୍ବରୁ କୋରୋନା କାଳରେ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ଆତ୍ମନିର୍ଭର ଭାରତର ଆହ୍ୱାନ ଦେଇଥିଲେ ତାହା ଏବେ ସଫଳ ହୋଇଛି । ବିଦେଶକୁ ଅଧିକରୁ ଅଧିକ ରପ୍ତାନୀ କରିବାପାଇଁ ଲକ୍ଷ୍ୟରଖି ଗତବର୍ଷ ୪୦୦ ବିଲିଅନ ଡଲାରର ଟାର୍ଗେଟ ରଖାଯାଇଥିଲା । କାରଣ ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତର ରପ୍ତାନୀ ୨୯୬ ବିଲିଅନ ଡଲାର ଥିଲା । କିନ୍ତୁ ମାର୍ଚ୍ଚମାସ ୨୧ତାରିଖ ଦିନ ୨୦୨୧-୨୨ବର୍ଷରେ ୪୦୦ ବିଲିଅନ ରପ୍ତାନୀ ଲକ୍ଷ୍ୟକୁ ଅତିକ୍ରମ କରିବା ସରକାରଙ୍କ ନିଷ୍ଠାପର ଉଦ୍ୟମ ବୋଲି କହିବାକୁ ହେବ । କାରଣ ପୂର୍ବରୁ ଭାରତ ଏତେ ପରିମାଣର ରପ୍ତାନୀ କରିବାକୁ ସକ୍ଷମ ହୋଇନଥିଲା । ମାର୍ଚ୍ଚ ମାସ ଶେଷ ସୁଦ୍ଧା ୪୧୦ ବିଲିଅନ ଡଲାର ରପ୍ତାନୀ ହେବା ସମ୍ଭବ । ଆଗାମୀ ବର୍ଷରେ ଏହି ଧାରା ଜାରି ରହିଲେ ୫ ଟ୍ରିଲିଅନ ଡଲାରର ଅର୍ଥନୀତିରେ ପହଚିଂବାକୁ ଅଧିକ ସମୟ ଲାଗିବ ନାହିଁ । କାରଣ ଯୁଦ୍ଧକାଳୀନ ପରିସ୍ଥିତିରେ ବିଶ୍ୱରେ ଖାଦ୍ୟାନ୍ନ ସଂକଟ ଘନୀଭୂତ ହୋଇଆସୁଥିଲା ବେଳେ ଭାରତ ପାଖରେ ପର୍ଯ୍ୟାପ୍ତ ଖାଦ୍ୟାନ୍ନ ରହିଛି । ଏହାକୁ ରପ୍ତାନୀ କରି ଭାରତ ଅଧିକ ଲାଭବାନ ହେବାର ସମ୍ଭାବନା ରହିଛି । ରୁଷିଆର ବଜାରରୁ ଇଉରୋପର ଔଷଧ କମ୍ପାନୀମାନେ ବାହାରିଯିବା ସ୍ଥିତି ସୃଷ୍ଟି ହୋଇଛି । ପୃଥିବୀର ଔଷଧ ଉତ୍ପାଦନ କ୍ଷେତ୍ରରେ ଭାରତର ଦକ୍ଷତା ହେତୁ ଏହି ବଜାରକୁ ଭାରତ ଦଖଲ କରିବାକୁ ସକ୍ଷମ ହେଲେ ଔଷଧର ରପ୍ତାନୀ ଢେର ବୃଦ୍ଧିପାଇବ । ନିକଟରେ ବିଦେଶକୁ ଗହମ ରପ୍ତାନୀର ଆଦେଶକୁ ଠିକଣା ସମୟରେ ସଂପନ୍ନ କରିବା ପାଇଁ କେନ୍ଦ୍ର ସରକାର ପରିବହନ କ୍ଷେତ୍ରରେ ସ୍ୱତନ୍ତ୍ର ମାଲବହନକାରୀ ରେଳ ଚଳାଚଳ ନିମନ୍ତେ ନିଷ୍ପତି ନେଇଛନ୍ତି । ସରକାରଙ୍କ ସମୟାନୁଯାୟୀ ପଦକ୍ଷେପ ଯୋଗୁ ଚଳିତବର୍ଷ ଗହମ ରପ୍ତାନୀ ରେକର୍ଡ ସୃଷ୍ଟି କରିବ । ରୁଷିଆରେ ଚିନିର ଅଭାବ ଦେଖାଯିବା ସ୍ଥଳେ ଭାରତ ସେଠାକାର ଚିନିବଜାରକୁ ପ୍ରବେଶ କରିବାର ସୁଯୋଗ ସୃଷ୍ଟି ହୋଇଛି । ସରକାର ଯଦି ଏ ଦିଗରେ ଯୋଜନା କରନ୍ତି ତେବେ ଦେଶର ଚିନି ରପ୍ତାନୀ ବୃଦ୍ଧି ହେବ ଏଥିରେ ସନ୍ଦେହ ନାହିଁ । ଯୁଦ୍ଧ ପରିସ୍ଥିତି ଯୋଗୁ ୭ଟି ରାଷ୍ଟ୍ର ଏବେ ଭାରତରୁ ଗହମ କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି । ଗତ ୧୦ବର୍ଷ ହେବ ଭାରତରେ ଗହମ ଉତ୍ପାଦନ ବଢିବାରେ ଲାଗିଛି । ଇତି ମଧ୍ୟରେ ୬୨ଲକ୍ଷ ଟନ୍ ଗହମ ରପ୍ତାନୀ ପାଇଁ ଭାରତକୁ ଅର୍ଡର ମିଳିସାରିଛି । ସେମିତି ରପ୍ତାନୀ କ୍ଷେତ୍ରରେ ମୋବାଇଲ କମ୍ପାନୀମାନେ ୧୫ହଜାର କୋଟି ଟଙ୍କା ମୂଲ୍ୟର ମୋବାଇଲ ଭାରତରେ ନିର୍ମାଣ କରି ବିଦେଶକୁ ରପ୍ତାନୀ କରିଛନ୍ତି । ଜାମ୍ମୁ-କାଶ୍ମୀରରୁ ୩୭୦ଧାରା ହଟାଯିବା ପରଠାରୁ ସେ ଅଚଂଳରେ ଲୋକେ ସବୁପ୍ରକାର କେନ୍ଦ୍ରୀୟ ଯୋଜନା ସହ ଯୋଡି ହୋଇ ସୁବିଧା ପାଇବାରେ ଲାଗିଛନ୍ତି । ଯେମିତି ପାନୀୟଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜ୍ୱଳା, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ପରି ଅନେକ ଯୋଜନାର ଲାଭ ସେଠାକାର ଲୋକେ ଉଠାଇବାରେ ଲାଗିଛନ୍ତି । ଇତି ମଧ୍ୟରେ ସାଉଦି ଆରବ ଓ ଏମିରେଟର ପ୍ରାୟ ୪୦ଜଣ ନିବେଶକାରୀ ପ୍ରଦେଶକୁ ଗସ୍ତକରି ୭୦୦୦୦କୋଟି ଟଙ୍କା ନିବେଶ ପାଇଁ ଖୁବ୍ ଶୀଘ୍ର କାର୍ଯ୍ୟାରମ୍ଭ ଲାଗି ଘୋଷଣା କରିଛନ୍ତି । ଦୁବାଇଠାରେ ପୂର୍ବରୁ ଏଥିପାଇଁ ଯେଉଁ ନିମନ୍ତ୍ରଣ ଦିଆଯାଇଥିଲା ତଦନୁସାରେ ବ୍ୟବସାୟୀମାନେ ଗସ୍ତକରି ବେଶ୍ ଖୁସିଥିବାର ପ୍ରକାଶ କରିଛନ୍ତି । ପୂର୍ବରୁ ଶ୍ରୀନଗରରେ ଦୁବାଇ ମଲ ସଦୃଶ ବିଶାଳକାୟ ପାଚଂଲକ୍ଷ ବର୍ଗ ଫୁଟର ମଲ ସ୍ଥାପନା ପାଇଁ ଇମାର ପ୍ରପର୍ଟିଜ ଘୋଷଣାକରି ବୁଝାମଣା କରିଛି । ଗତ ଡିସେମ୍ବର ମାସରେ ଜାମ୍ମୁ-କାଶ୍ମୀର ସରକାର ଜାମ୍ମୁଠାରେ ଯେଉଁ ଗୃହ ନିର୍ମାଣ ଆଲୋଚନାର ଆୟୋଜନ କରିଥିଲେ ସେଠାରେ ପ୍ରାୟ ୩୯ଗୋଟି ବୁଝାମଣାରେ ୧୯୦୦୦କୋଟିର ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି । ନିକଟରେ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିସିଡା ଭାରତ ଗସ୍ତରେ ଆସି ୪୨ ମିଲିଅନ ଡଲାର ପୁଞ୍ଜିନିବେଶ କରିବାକୁ ଘୋଷଣା କରିଛନ୍ତି । ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ସ୍କଟ ମରିସନ୍ ଭାରତ ସହ ବାଣିଜ୍ୟିକ ସହଯୋଗ ବୃଦ୍ଧିପାଇଁ ଆଗାମୀ ଦିନରେ ୧୦୦ଟି କମ୍ପାନୀର ଅଧିକାରୀଙ୍କୁ ଭାରତକୁ ପଠାଇବାକୁ ନିଷ୍ପତି କରିଛନ୍ତି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଭୋଟର ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର,୨୪/୩ (ନି/ପ୍ର): ଆଜି ସକାଳେ ଧମା ଅଂଚଳର ମା'' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ଭୋଟର ସଚେତନତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରାରମ୍ଭରେ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଏକ ଶୋଭାଯାତ୍ରାରେ ସମଗ୍ର ଧମା ଅଂଚଳ ପରିକ୍ରମା କରିବା ସହ ଭୋଟରମାନଙ୍କ ଦାୟିତ୍ୱ ଓ ରାଷ୍ଟ୍ର ପ୍ରତି ସେମାନଙ୍କ କର୍ତ୍ତବ୍ୟକୁ ନେଇ ସଚେତନତା ଜାଗରଣ କରିଥିଲେ । ଏହି ଅବସରରେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିବା ବେଳେ ସଭାରେ ମୁଖ୍ୟବକ୍ତା ଭାବେ ପାର୍ବତୀ ଗିରି କଲେଜର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ସୁନୀଲ କୁମାର ସାହୁ ଯୋଗଦେଇ ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଜରିଆରେ ଶାସକ ଚୟନ କରିବାର ବ୍ୟବସ୍ଥା ରହିଥିବାରୁ ଉପଯୁକ୍ତ ଲୋକପ୍ରତିନିଧି ଚୟନ ହେଉଛି, ଯାହାକି ଭାରତ ଗଣତନ୍ତ୍ରର ଏହା ଏକ ମେରୁଦଣ୍ଡ ବୋଲି ସଚେତନ କରାଇଥିଲେ । ଏଣୁ ଏହାର ଗୁରୁତ୍ୱ ପ୍ରତି ପ୍ରତ୍ୟେକ ଦେଶବାସୀ ତଥା ମତଦାତାମାନେ ସଚେତନ ହେବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି କ୍ରମରେ ଆୟୋଜିତ ହୋଇଥିବା "ମୋ ଭୋଟ ମୋ ଅଧିକାର" ବିଷୟକୁ ନେଇ ଏକ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ପୁରସ୍କାର ପ୍ରଦାନ କରାଯାଇଥିଲା । କୃତି ମେଧାବୀଙ୍କ ମଧ୍ୟରେ ଶିବାନୀ ନାଏକ, ହରପ୍ରିୟା ପୋଢ ଓ ସରିତା ମିରିଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏନ୍ ଏସ୍ ଏସ୍ କାର୍ଯକ୍ରମ ଅଧିକାରୀ ସ୍ମାରକୀ ମାହାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଦୀପ୍ତିରେଖା ପଣ୍ଡା, ସଂଗ୍ରାମ କେଶରୀ ମିଶ୍ର, ସୁଶ୍ରୀତ ଷଡଙ୍ଗୀ, ସୁଶୀଲ କୁମାର ବାଗ, ଚୈତନ୍ୟ ସେନାପତି ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ପୁଣି କୈଶଲ୍ୟା-ସପ୍ତଗିରି ମୁହାଁମୁହିଁ ! ବିଜେପିରୁ ଶିବ କିମ୍ବା କାଳୀ ହେବେ ପ୍ରାର୍ଥୀ

କୋରାପୁଟ,୨୪/୩ (ନି/ପ୍ର): କଂଗ୍ରେସର ଗଡ଼ କୋରାପୁଟ ଲୋକସଭା ଆସନରେ ପୁଣି ମୁହାଁମୁହିଁ ହେବେ କୈଶଲ୍ୟା-ସପ୍ତଗିରି । କଂଗ୍ରେସ ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବ, ଏକଥା ଏବେଠାରୁ ଜଳ ଜଳ ଦେଖାଗଲାଣି । ସେପଟେ କେବେ ବି ବିଜେପି କୋରାପୁଟ ଲୋକସଭା ଆସନରେ ବିଜୟୀ ହୋଇନାହିଁ । ସ୍ୱାଭାବିକ ଭାବେ ଦଳ ପାଇଁ ଏହା ଏବେ ଚ୍ୟାଲେଞ୍ଜ ସ୍ଥିତି ସୃଷ୍ଟି କରିଛି । ୨୦୧୯ ମସିହାରେ ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକ୍କା ମାତ୍ର ୩ ହଜାର ଭୋଟରେ ହାରିଥିଲେ । ପ୍ରଥମଥର ପାଇଁ ରାଜନୀତିରେ ପାଦ ଥାପିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପୁଅ ସପ୍ତଗିରି ଉଲାକା ଏହି ଆସନରୁ ବିଜୟୀ ହୋଇଥିଲେ । ଓଡ଼ିଶାର ଏକ ମାତ୍ର ସାଂସଦ ଭାବେ ଜିତି ସପ୍ତଗିରି କଂଗ୍ରେସର ସମ୍ମାନ ରକ୍ଷା କରିଥିଲେ । ସପ୍ତଗିରି ଏବେ ଏଆଇସିସି ସଦସ୍ୟ ସହ ଛତିଶଗଡ଼ ରାଜ୍ୟ ପ୍ରଭାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପଦବିରେ ରହିଛନ୍ତି । ଏହି ଦୃଷ୍ଟିକୋଣରୁ ସପ୍ତଗିରି ପୁଣିଥରେ କଂଗ୍ରେସ ଟିକେଟ୍ ପାଇବା ସ୍ପଷ୍ଟ ହୋଇଯାଇଛି । ସେହିପରି ବୁଧବାର ନବୀନ ନିବାସରେ ଶେଷ ହୋଇଥିବା ସମୀକ୍ଷା ବୈଠକରେ ବିଜେଡି କେ ?ଶଲ୍ୟାଙ୍କୁ ପ୍ରାର୍ଥୀ କରିବା ନେଇ ସବୁଜ ସଙ୍କେତ ମିଳିଛି । ୨୦୧୯ର ବିଜେପି ପ୍ରାର୍ଥୀ ଜୟରାମ ପାଙ୍ଗି ଏବେ କଂଗ୍ରେସରେ । ଜୟରାମଙ୍କ ପରେ ୨୦୧୪ର ସାଂସଦ ପ୍ରାର୍ଥୀ ଶିବ ଶଙ୍କର ଉଲାକା ଏବଂ ଅନୁସୂଚିତ ଜାତି ରାଷ୍ଟ୍ରୀୟ ଉପାଧ୍ୟକ୍ଷ କାଳୀରାମ ମାଝି ଲବିରେ ଅଛନ୍ତି ।କଂଗ୍ରେସ ହାତରେ ଥିବା କୋରାପୁଟ ଲୋକସଭା ଆସନକୁ ଛଡ଼ାଇ ନେବାକୁ ବିଜେଡି ବଡ଼ ଯୋଜନା କରିଛି । ୧୯୭୧ ଠାରୁ ଏହି ଆସନରେ କଂଗ୍ରେସ କ୍ରମାଗତ ଭାବେ ୧୦ଥର ଜିତି ଆସିଛି । ମୋଟ ଉପରେ ୧୬ଥର ନିର୍ବାଚନ ଜିତିଛି କଂଗ୍ରେସ । ୨୦୦୯, ୨୦୧୪ରେ ମାତ୍ର ଦୁଇ ଥର ବିଜେଡି ଜିତିଛି । ଗତ ନିର୍ବାଚନରେ ଦେଶବ୍ୟାପୀ ମୋଦୀ ହାୱା ଓ ରାଜ୍ୟରେ ନବୀନ ହାୱା ବୋହୁ ଥିବାବେଳେ କୋରାପୁଟ ଭୋଟରଙ୍କ ମିଜାଜ କିନ୍ତୁ ଅଲଗା ଥିଲା । ପୁଣି କଂଗ୍ରେସକୁ କ୍ଷମତାସୀନ କରାଇଥିଲେ କୋରାପୁଟବାସୀ । ୨୦୨୪ ପାଇଁ ମଧ୍ୟ ବଳ ଗୋଟାଉଛି କଂଗ୍ରେସ । ଅଳ୍ପ ଭୋଟରେ ପରାଜୟ ମୁହଁ ଦେଖିଥିବା ବିଜେଡି ପରାଜୟକୁ ସହଜରେ ଗ୍ରହଣ କରିପାରିନି । ଲୋକସଭା କ୍ଷେତ୍ର ଅଧୀନରେ ଥିବା ୭ଟି ବିଧାନସଭା ଆସନରେ ବର୍ଷତମାମ କାର୍ଯ୍ୟକ୍ରମ କରି ନିଜ ପତିଆରା ବିସ୍ତାର କରିବା ସକାଶେ ଚେଷ୍ଟା ଜାରି ରଖିଛି ବିଜେଡି । ବିଜେପି ମଧ୍ୟ ପଛରେ ପଡ଼ିନି । ଆକାଂକ୍ଷୀ ଜିଲ୍ଲା ହୋଇଥିବାରୁ କେନ୍ଦ୍ରମନ୍ତ୍ରୀଙ୍କ ଫୋକାସ୍‌ରେ କୋରାପୁଟ ରହିଛି । ବିଗତଦିନରେ ବିଜେପି ରାଜ୍ୟ ସଭାପତି ଓ ଏକାଧିକ କେନ୍ଦ୍ର ମନ୍ତ୍ରୀଙ୍କ କୋରାପୁଟ ଗସ୍ତ ବିଜେପି କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଭରିଛି ।

କୁକୁର କାମୁଡ଼ାରେ ଦୁଇ ଶିଶୁ ଗୁରୁତର, ଜଣକୁ ଫୁଲବାଣୀ ସ୍ଥାନାନ୍ତରିତ

ଘୁ ଉଦୟଗିର,୨୪/୩ (ନି/ପ୍ର): କନ୍ଧମାଳ ଜିଲ୍ଲା ଘୁମୁସର ବ୍ଲକ ଅନ୍ତର୍ଗତ ରାଇକଲା ପଂଚାୟତର ଦୁବେନାଜୁ ଗ୍ରାମର ଜଣେ ୮ ବର୍ଷର ବାଳକକୁ ପାଗଳ କୁକୁର ଗୁରୁତ୍ୱର ଭାବରେ ମୁଣ୍ଡରେ ମୁହଁରେ କାମୁଡି ଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ଦୁବେନାଜୁ ଗ୍ରାମର ରୋଷନ ପ୍ରଧାନ ନାମକ ୮ ବର୍ଷର ବାଳକ ବାହାରେ ଖେଳୁଥିବା ସମୟରେ ହଟାତ୍ ପାଗଳ ବୁଲା କୁକୁର ଆସି ମୁଣ୍ଡରେ ଆକ୍ରମଣ କରିଥିଲା । ତାଙ୍କ ମୁଁହ, ଆଖିରେ ଓ ମୁଣ୍ଡରେ ବହୁ ସ୍ଥାନରେ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି । ତେବେ ତୁରନ୍ତ ପରିବାର ଲୋକ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ଓ କାର୍ଯ୍ୟରତ ଡାକ୍ତର ଅଶୋକ କୁମାର୍ ପ୍ରଧାନ ତାଙ୍କୁ ଚିକିତ୍ସା କରିଥିଲେ ପରେ ଗୁରୁତ୍ୱର ଥିବା ଜାଣି ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ । ସେହିପରି ଅନ୍ୟ ଜଣେ ଛୋଟ ବାଳକ ଲିଙ୍ଗାଗଡ ଗ୍ରାମପଂଚାୟତ ଅନ୍ତର୍ଗତ କଟଡଗାଣ୍ଡା ଗ୍ରାମର ଶୁବାଶିଷ ମଲ୍ଲିକ ବୟସ ୩ ବର୍ଷ ୪ ମାସ ତାଙ୍କୁ ମଧ୍ୟ ବାହାରେ ଖେଳୁଥିବା ସମୟରେ ସେହି କୁକୁର ଆକ୍ରମଣ କରିଥିବା ସୂଚନା ରହିଥିବା ବେଳେ ତାଙ୍କ ପିଠିରେ ବହୁ ସ୍ଥାନରେ କାମୁଡି ଥିବା ଦେଖିବାକୁ ମିଳିଛି, ପରିବାର ଲୋକ ତାଙ୍କୁ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣି ଚିକିତ୍ସା କରିଥିବା ସୂଚନା ରହିଛି ।

ଗାଁକୁ ନାହିଁ ରାସ୍ତା, ଆସିଲାନି ଆମ୍ବୁଲାନ୍ସ: ଦୋଳାରେ ବୁହାହେଲେ ଗର୍ଭବତୀ ଆଶାକର୍ମୀ

ଦାରିଙ୍ଗବାଡ,୨୪/୩ (ନି/ପ୍ର): ଦାରିଙ୍ଗବାଡ଼ି ବ୍ଲକରେ ପୁଣି ଜନନୀ ଯନ୍ତ୍ରଣା ଗାଁକୁ ନାହିଁ ରାସ୍ତା । ଆସି ପାରିଲାନି ଆମ୍ବୁଲାନ୍ସ । ଦୋଳାରେ ବୁହା ହେଲେ ଗର୍ଭବତୀ ଆଶାକର୍ମୀ । ଏହି ଘଟଣା ଦେଖିବାକୁ ମିଳିଛି ଦାରିଙ୍ଗବାଡ଼ି ବ୍ଲକ ତାଜୁଙ୍ଗିଆ ଗ୍ରାମ ପଂଚାୟତ ନିଲାକ୍ଲିୟୁ ଗାଁରେ । ଗାଁକୁ ରାସ୍ତା ଓ ମୋବାଇଲ ସେବା ନ ଥିବାରୁ ଆସି ପାରିଲାନି ଆମ୍ବୁଲାନ୍ସ । ଯାହା ଫଳରେ ଦୋଳାରେ ବୁହା ହୋଇ ଗଲେ ଥେପିଲ ମାଝୀଙ୍କ ଗର୍ଭବତୀ ପତ୍ନୀ ସିବାଜିନୀ ସିକବାଡ଼ି ଗ୍ରାମ ଯାଏଁ । ଏହାପରେ ସେଠାରୁ ଅଟୋ ଯୋଗେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଗର୍ଭବତୀ ମହିଳା ଜଣକ । ସେଠାରେ ମହିଳା ଜଣକ ଏକ ଶିଶୁ ପୁତ୍ର ଜନ୍ମ ଦେଇଥିଲେ । ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ଜଣାପଡ଼ିଛି ।କେଉଁ କାରଣରୁ ଗର୍ଭବତୀ ସିବାଜିନୀ ଯିଏକି ନିଜେ ଆଶାକର୍ମୀଙ୍କ ଏହି ଭଳି ସମସ୍ୟାର ସମ୍ମୁଖୀନ ହେବା ଘଟଣା ସମ୍ପର୍କରେ ଦାରିଙ୍ଗବାଡ଼ି ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜାକେଶ ସାମନ୍ତରାୟଙ୍କୁ ଯୋଗାଯୋଗ କରାଯିବାରୁ କହିଛନ୍ତି ଯେ ନିଜେ ଅନ୍ୟକୁ ସାହା ହେଉଥିବା ଆଶା କର୍ମୀ ସିବାଜିନି ନିଜେ କେଉଁ କାରଣରୁ

ମାଗୃହକୁ ଗଲେ ନାହିଁ ଏବଂ ଏହି ଭଳି ସମସ୍ୟାର ସମ୍ମୁଖୀନ ହେଲେ ତଦନ୍ତ ପରେ ଜଣା ପଡ଼ିବ । ସରକାର ପ୍ରସୂତୀ ଯନ୍ତ୍ରଣା ବା ସମସ୍ୟା ସମାଧାନ କରିବା ପାଇଁ ପିପିପି ମୋଡ଼ରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରି କାର୍ଯ୍ୟ କରୁଥିଲେ ମଧ୍ୟ ଏହାର ସୁଫଳ ମିଳୁନଥିବା ଆଲୋଚନା ହେଉଛି । ସେହିପରି ସରକାର ଗମନାଗମନ ସମସ୍ୟାର ସମାଧାନ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିଲେ ମଧ୍ୟ ଏହିଭଳି ଗ୍ରାମକୁ ଭଲ ରାସ୍ତାଟି ମିଳୁନାହିଁ । ଏଣୁ ପ୍ରଶାସନ ନିଲାକ୍ଲିୟୁ ଗାଁ ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

ବାଇକ୍ ଧକ୍କାରେ ଜଣେ ମୃତ, ୧ ଗୁରୁତର

ବିନିକା/ସିଂଘିଯୁବା,୨୪/୩ (ନି/ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା-ଡିଙ୍ଗୁରିପାଲି ରାସ୍ତାର ବିନିକା ଥାନା ସିଂଘିଯୁବା କିଷାନ ଛକଠାରେ ଏକ ବାଇକ୍ ଧକ୍କାରେ ସିଂଘିଯୁବା ଗାଁର ଜବଦୁ ସାହୁ (୫୦ବର୍ଷ)ଙ୍କ ମୃତ୍ୟୁ ଘଟିଛି । ସୂଚନାନୁସାରେ, ଜବଦୁ ଶୁକ୍ରବାର ଦିନ ପ୍ରାୟ ୨ଟାରେ ଗଙ୍ଗାଭୋଜି ଖାଇ ସିଂଘିଯୁବା କଲୋନି ପଡ଼ାସ୍ଥିତ ନିଜ ଘରକୁ ଫେରୁଥିଲେ । ଏହି ସମୟରେ ବାଇକ୍ (ଓଡି ୦୩ ପି ୭୦୫୪) ଯୋଗେ ବିନିକା ପଟୁ ଦ୍ରୁତଗତିରେ ଆସୁଥିବା ଜାମପାଲି ଗାଁର ପ୍ଲବିତ ପଧାନ (୨୪ବର୍ଷ) ତାଙ୍କୁ ଧକ୍କା ଦେଇଥିଲେ । ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବିନିକା ଡାକ୍ତରଖାନାକୁ ଅଣାଯାଇଥିଲା । ମାତ୍ର ଜବଦୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

ଗାଡ଼ି ମିଳିଲାନି, ଟ୍ରଲିରେ ବୁହାହେଲେ

ଦିଗପହଣ୍ଡି/ଚିକିଟ,୨୪/୩ (ନି/ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ? ଅଧକ୍ଷା ଯମୁନା ନାୟକଙ୍କ ସ୍ୱାମୀ ଅମର ନାୟକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏହି ଘଟଣାରେ ଅନ୍ୟ ଦୁଇ ଯୁବକ ଗୁରୁତର ହୋଇଛନ୍ତି । ଘଟଣାସ୍ଥଳରୁ ପ୍ରଥମେ ଗୁରୁତରଙ୍କୁ ଲକ୍ଷ୍ମୀ ବସ୍‌ରେ ଚିକିଟି ନିଆଯାଇଥିଲା । ସେଠାରୁ ତୁରନ୍ତ ଏକ ପଟ୍ଟା ରିକ୍ସା (ଟ୍ରଲି)ରେ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଅନୁସାରେ,

ଅମର କୌଣସି କାମରେ ନିଜ ଗ୍ରାମ ବମକୋଇରୁ ଚିକିଟି ଅଭିମୁଖେ ଯାଇଥିଲେ । ଅପରାହ୍ନ ପ୍ରାୟ ୫ ଘଂଟା ।ସମୟରେ ଘରକୁ ଫେରୁଥିବା ବେଳେ ଚିକିଟି-ଜକର ମୁଖ୍ୟରାସ୍ତା ରତନେଶ୍ୱରୀ ପୀଠ ନିକଟସ୍ଥ ଯାତ୍ରୀ ବିଶ୍ରାମାଗାର ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ରଣ୍ଡା ଅଂଚଳର ଦୁଇଯୁବକଙ୍କ ସହିତ ବାଇକ୍‌ରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଥିଲେ । ଖବର ପାଇ ଗ୍ରାମବାସୀ ସେଠାରେ ପହଂଚିଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ସେହି ସମୟରେ 'ଲକ୍ଷ୍ମୀ' ବସ୍ ଯାଉଥିବା ବେଳେ ସେଥିରେ ଗୁରୁତରଙ୍କୁ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ବସ୍‌ଟି ଚିକିଟ ଫୋଷ୍ଟ ଅଫିସ୍ ମୁଖ୍ୟ ରାସ୍ତାରେ ରହିବାପରେ କୌଣସି ଅଟୋ କିମ୍ବା ଗାଡ଼ି ନମିଳିବାରୁ ଲୋକେ ଏକ ପଟ୍ଟା ରିକ୍ସା ସାହାଯ୍ୟରେ ଅମରକୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ଡାକ୍ତର ଅମରଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ଦୁଇ ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାର ସ୍ଥାନାନ୍ତର କରାଯାଇଛି ।

ବଲାଙ୍ଗିରରେ ବିଶ୍ୱ କବିତା ଦିବସ ପାଳିତ

ବଲାଙ୍ଗିର,୨୪/୩ (ନି/ପ୍ର): ବଲାଙ୍ଗିରର ଅଗ୍ରଣୀ ସାହିତ୍ୟିକ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ''ରଚନା'' ଓ ଜିଲ୍ଲା ସାମ୍ବାଦିକ ସଙ୍ଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଗତକାଲି ସନ୍ଧ୍ୟାରେ ବିଶ୍ୱ କବିତା ଦିବସ ପାଳିତ ହୋଇ ଯାଇଛି । ''ରଚନା''ର ବରିଷ୍ଠ ସଦସ୍ୟ କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ କବି ବାସୁଦେବ ସୁନାନୀ ଯୋଗଦେଇ ନିଜ ସାହିତ୍ୟ ଯାତ୍ରାରେ କବିତା କେମିତି ତାଙ୍କ ଜୀବନକୁ ପରିପୁଷ୍ଟ କରିଛି, ତା''ର ବିଶଦ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସାମ୍ବାଦିକ ସଙ୍ଘର ସାଧାରଣ ସମ୍ପାଦକ ଶିଶିର କାନ୍ତ ଶତପଥି ସମସ୍ତ କବିଙ୍କୁ ଶୁଭେଚ୍ଛା ଜଣାଇଥିଲେ । କବି ରତ୍ନମୟ ତ୍ରିପାଠୀ ସଭା ପରିଚାଳନା ଏବଂ ''ରଚନା''ର ସଭାପତି ସନାତନ ଠାକୁର ଧନ୍ୟବାଦଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ''ରଚନା''ର ସମ୍ପାଦକ ଭାଗିରଥୀ ମିଶ୍ରଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କବି ସବିତା ମହରା ଓ କବି ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ବହୁଭାଷୀ କବିତା ଆସରରେ ଓଡିଆ, କୋଶଲୀ, ହିନ୍ଦୀ, ଇଂରାଜୀ, ଓ ବଙ୍ଗଳା ଭାଷାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ''ରଚନା'' ଓ ଜିଲ୍ଲା ସାମ୍ବାଦିକ ସଂଘର ଏହି ମିଳିତ ପ୍ରୟାସକୁ ଉପସ୍ଥିତ କବି, ସାହିତ୍ୟିକ, ବୁଦ୍ଧିଜୀବୀ ଓ ଜନସାଧାରଣ ଭୂୟସୀ ପ୍ରଶଂସା କରିବା ଦେଖାଯାଇଥିଲା ।





ବଣ୍ଡାଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିଛି କଦଳୀ ଚାଷ: ପାଣି ସମସ୍ୟା ଯୋଗୁଁ ହେଉଛି ପ୍ରଭାବିତ

ମାଲକାନଗିର,୨୪/୩ (ନି/ପ୍ର): ମାଲକାନଗିରି ଜିଲ୍ଲାର ସମୁଦ୍ର ପତନ ଠାରୁ ୫ ହଜାର ଫୁଟ ଉଚ୍ଚରେ ରହିଛି ବଣ୍ଡାଘାଟି । ଏହି ବଣ୍ଡାଘାଟିରେ ଦୁଇଟି ପଂଚାୟତର ୩୨ଟି ଗ୍ରାମରେ ଆଦିମ ଜନଜାତି ବଣ୍ଡା ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି ।ନିଜର ପରାଂପାରିକ ଭେଷଭୁଷା, ଚାଲିଚଳଣ ଏବଂ ସଂସ୍କୃତିକୁ ନେଇ ଏମାନେ ଏଠାରେ ସଂପୂର୍ଣ୍ଣ ବାହ୍ୟ ଜଗତ ଠାରୁ ଦୁରରେ ରହୁଥିଲେ । ଏବେ କିନ୍ତୁ ସମୟ ବଦଳିଛି ।ବଣ୍ଡା ପିଲାମାନେ ପାଠ ପଢି ବିଭିନ୍ନ କ୍ଷେତ୍ରରେ ନିଜକୁ ଅବସ୍ଥାପିତ କରିସାରିଛନ୍ତି । ଦିନେ ଉଲଗ୍ନ ହୋଇ ରହୁଥିବା ବଣ୍ଡା ଏବେ ଆଧୁନିକତାର ପୋଷାକ ପିନ୍ଧୁଛନ୍ତି । କିନ୍ତୁ ନିଜର ପରଂପରାକୁ ଜାବୁଡ଼ି ଧରିଛନ୍ତି । ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରି ଏମାନେ ନିଜର ଗୁଜରାଣ ମେଂଟାଉଥିଲେ ।ଧିରେ ଧିରେ ଚାଷ କରିବା ସହ ଇଟା କାଟିବା, ସିଲେଇ ଶିକ୍ଷା ନେବା ଭଳି ଶିକ୍ଷା ନେଇ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରିଲେଣି । ସେହିପରି ବଡବେଲ ଗ୍ରାମର ବୁଦା ବଡନାୟକ ନିଜର ସ୍ୱଳ୍ପ ଜମିରେ କଦଳୀ ଚାଷ କରି ବେଶ ଲାଭବାନ ହୋଇଥିବା ଦେଖିବାକୁ ମିଳିଛି । ଗତ ତିନି ବର୍ଷ ତଳେ ତାଂକୁ ପ୍ରଶାସନ ତରଫରୁ ଏକ ହଜାର କଦଳୀ ଚାରା ପ୍ରଦାନ କରାଯାଇଥିଲା । ସେ ତାକୁ ନିଜର ପୁଅ ଝିଅ ଭଳି ଯତ୍ନ ନେବା ପରେ ହଜାର ହଜାର ଟଂକା ରୋଜଗାର କରିପାରିଲେ ।ନିଜର ସମସ୍ତ ବକେୟା ଋଣ ପରିଶୋଧ କରିବା ସହ ପିଲାଙ୍କୁ ପାଠ ପଢାଉଛନ୍ତି । ବୁଦା ବଡନାୟକଙ୍କ କହିବା ଅନୁଯାୟୀ ସେ ଚାରିରୁ ପାଂଚ ପ୍ରକାରର କଦଳୀ ଚାଷ କରିଛନ୍ତି ।ଯାହାକି ତାଂକୁ ପ୍ରତିବର୍ଷ ଲାଭ ଦେଉଛି, ଯାହାଫଳରେ ଦୁଇ ଜଣ ପିଲା କଲେଜରେ ପାଠ ପଢିବାର ସୁଯୋଗ ପାଇଲେ । ଆଉ ଦୁଇ ପିଲା ମଧ୍ୟ ସ୍କୁଲ ମୁହାଁ ହେଲେ ।କଦଳୀ ଚାଷ ନିଜର ପରିବାରର ପ୍ରତିପୋଷଣ କରିବାରେ ସହଯୋଗ କରିବା ସହ ପିଲାଙ୍କ ପାଠ ପଢାରେ ମଧ୍ୟ ସୁବିଧା କଲା । ଏବେ ଆଗକୁ ଆହୁରି ଅଧିକା ଚାଷ କରିବାର ଯୋଜନା କରିଛନ୍ତି ବୁଦା ବଡନାୟକ ।ତେବେ ପାଣି ସମସ୍ୟା ରହିଥିବାରୁ ସେ ପ୍ରଶାସନ ନିକଟରେ ବୋର୍‌ୱେଲ ଖୋଲିଦେଲେ ସେ ଆଗକୁ ଆହୁରି ଅଧିକା ଚାଷ କରିବେ ବୋଲି କହିଛନ୍ତି । ବୁଦା ବଡନାୟକଙ୍କ ଏହି ସଫଳତା ଦେଖି ଗ୍ରାମର ଅନ୍ୟମାନେ ନଧ ସରକାରୀ ଯୋଜନାର ଲାଭ ଉଠାଇବାକୁ ଏବେ ମନସ୍ଥ କଲେଣି । ବୁଦା ଆଗକୁ ପାରଂପାରିକ ଚାଷ ଛାଡ଼ି ଅନ୍ୟ ଲାଭଜନକ ଚାଷ କରିବା ନେଇ ଚିନ୍ତା କରୁଥିବା କହିଛନ୍ତି । ବଜାରରେ କଦଳୀର ଦର ବେଶ ଚାହିଦା ରହିଥିବାରୁ ସେ ଆଗକୁ ଆହୁରି ବିଭିନ୍ନ ରକମର କଦଳୀ ଚାଷ କରିବେ ବୋଲି କହିଛନ୍ତି । ସେ ନିରକ୍ଷର ହେଲେ ମଧ୍ୟ ତାଂକର ପୁଅ ଝିଅଙ୍କୁ ପାଠ ପଢାଇବାରେ ଏବେ ସେ ସକ୍ଷମ ହୋଇଥିବା କହିଛନ୍ତି ।

ସହରର ବିଭିନ୍ନ କମିଟି ଦ୍ୱାରା ହୋଲିକା ଦହନ କାର୍ଯ୍ୟକ୍ରମ

ରାଉରକେଲା ,୨୪/୩ (ନି/ପ୍ର): ଇଷ୍ପାତ ସହରର ହୋଲି ଉପଲକ୍ଷେ ହୋଲିକା ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହରର ବିଭିନ୍ନ କମିଟି ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଷ୍ଣୋରଙ୍କ ଙ୍ଗଳାପ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ସେହିଭଳି ବିଭିନ୍ନ କମିଟି ନିଜ ନିଜ ଅଞ୍ଚଳରେ ହୋଲିକା ଦହନ ଅଧୀନରେ ଗୋବର ଘସି ଓ ଢାଠରେ ବିରାଟ ହୋଲି ପ୍ରସ୍ତୁତ କରାଯାଇଛି, ଯାହା ରବିବାର ରାତି ୧୧ଟା ପରେ ଦହନ କରାଯିବ । ଏହି ଅବସରରେ ରାଉରକେଲା ସହରର ମଧୁସୂଦନ ଛକ ନିକଟରେ ମଧୁସୂଦନ ଦୁର୍ଗା ପୂଜା କମିଟି ଦ୍ୱାରା ହୋଲିକା ଦହନ କାର୍ଯ୍ୟକ୍ରମ, ଜନତା ନିବାସ ଗଳିରେ ନବ ଯୁବକ ସଂଘ ଦ୍ୱାରା ହୋଲିକା ଦହନ କାର୍ଯ୍ୟକ୍ରମ, ବିର୍ସା ଡାହାର ରୋଡରେ ବିର୍ସା ଦହନ ପରିବାର ପକ୍ଷରୁ ହୋଲିକା ଦହନ କାର୍ଯ୍ୟକ୍ରମ, ଉଦିତନଗର ଦ୍ୱାରକାପୁରୀ ହୋଟେଲ ସମ୍ମୁଖରେ ଏମପ୍ଲୟମେଣ୍ଟ ଏକ୍ସଚେଞ୍ଜ ପଡିଆରେ ହୋଲିକା ଦହନ କାର୍ଯ୍ୟକ୍ରମ, ହନୁମାନ ବାଟିକାରେ ତ୍ରୀଶକ୍ତି ମନ୍ଦିର ପରିସରରେ ହୋଲିକା ଦହନ କାର୍ଯ୍ୟକ୍ରମ, ସିଭିଲ୍ ଟାଉନ୍ ସିପ୍ ମଡର୍ଣ୍ଣ ଙ୍ଗଲିସ୍ ସ୍କୁଲ ପଡିଆରେ ହୋଲିକା ଦହନ କାର୍ଯ୍ୟକ୍ରମ, ସେହିଭଳି ପାନପୋଷ ବସ୍ତି ଅଞ୍ଚଳରେ ହୋଲିକା ଦହନ କାର୍ଯ୍ୟକ୍ରମ, ବାସନ୍ତୀ କଲୋନୀରେ କମିଟି ଦ୍ୱାରା ହୋଲିକା ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯାହାକୁ ନେଇ ଆଜି ରବିବାର ଦିନ ୯ଟାରୁ ମହିଳାମାନଙ୍କ ଦ୍ୱାରା ବାଡ଼ି ପୋଡିବା ପରେ ପୂଜାର୍ଚ୍ଚନା କରାଯାଇଛି । ରବିବାର ରାତି ୧୧ଟା ପରେ ହୋଲିକା ଦହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ଭୁବନେଶ୍ୱର ସ୍ଥିତ ରାମମନ୍ଦିର ପ୍ରାଙ୍ଗଣଠାରେ ସ୍ୱର୍ଗତ ଦୀପ୍ତି ମହାନ୍ତିଙ୍କ (ବିଜେଡି ନେତ୍ରୀ ଶ୍ରୀମତୀ ଛବି ମହାନ୍ତି ଙ୍କ ଭଉଣୀ) ଏକାଦଶାହ କାର୍ଯ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ରାଜ୍ୟ ଶ୍ରମ ତଥା କର୍ମଚାରୀ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ

ରାଜସ୍ଥାନ ପରିଷଦର ହୋଲି ହୁଡଦଂଗ ଉପର ସଂଗ କାର୍ଯ୍ୟକ୍ରମ

ରାଉରକେଲା, ୨୪/୩ (ନି/ପ୍ର): ରାଜସ୍ଥାନ ପରିଷଦ ପକ୍ଷରୁ ଅମର ଭବନ ପରିସରରେ ଶନିବାର ସନ୍ଧ୍ୟା ୮ଟାରୁ ୧୦ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ରାଜସ୍ଥାନ ପରିଷଦର ପଦାଧିକାରୀ, ପୂର୍ବତନ ଅଧକ୍ଷ, କାର୍ଯ୍ୟକାରିଣୀ ସଦସ୍ୟ ଏବଂ ବିଶେଷ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ହୋଲିକୁ ନେଇ କାର୍ଯ୍ୟକ୍ରମ ରାତି ୮ଟାରୁ ଶୁଭାରମ୍ଭ କରାଯାଇଥିଲା । ରାଜସ୍ଥାନ ପରିଷଦ ଅଧକ୍ଷ ସନ୍ତୋଷ ଅଗ୍ରୱାଲଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରୁ ଆସିଥିବା ସମସ୍ତ ଅଧିକାରୀ ପୂର୍ବତନ ଅଧକ୍ଷ ଏବଂ ସଦସ୍ୟମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଅବିର ଲଗାଇ ବା ସହିତ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଏକ ରଙ୍ଗୀନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ଯେଉଁଥିରେ ରାଜସ୍ଥାନ ପରିଷଦର ପଦାଧିକାରୀ ଓ ପୂର୍ବତନ ଅଧକ୍ଷ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ରାଜସ୍ଥାନୀ ଲୋକଗୀତ ପରିବେଷଣ କରାଯାଇଥିଲା ଏହି ପାରମ୍ପାରିକ ଲୋକଗୀତରରେ ସମସ୍ତେ ନୃତ୍ୟ କରିଥିଲେ । ରାଜସ୍ଥାନୀ ଲୋକଗୀତ ଉପରେ ପାରମ୍ପାରିକ ରାଜସ୍ଥାନୀ ନୃତ୍ୟ ମଧ୍ୟ ରାଜସ୍ଥାନ ପରିଷଦର ଅଧିକାରୀ ଏବଂ ସଦସ୍ୟଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ହୋଲିରେ ଏହି କାର୍ଯ୍ୟକ୍ରମକୁ ସମସ୍ତେ ଉପଭୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜସ୍ଥାନ ପରିଷଦର ପୂର୍ବତନ ଅଧକ୍ଷ ସରୋଜ ଚେତ୍ରିଓ୍ୱାଲ, ଚନୁଣ ମାଲାନି ଉପାଧକ୍ଷ କୁଶଲ ମାଗୋଠିଆ, ସଚିବ ବିନୋଦ ନରେଢି, ଯୁଗ୍ମ ସଚିବ ମଣିସ ଚୋଦି, କୋଷାଧକ୍ଷ ବିନୟ ଶର୍ମା, ସହ- କୋଷାଧକ୍ଷ ମୁକେଶ ରାଜ କେଡିଆ, ସଂରକ୍ଷଣ ସମିତି ସଦସ୍ୟ ବିନୋଦ ମୋଦୀ ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ତଥା ବିଶେଷ ସଦସ୍ୟ ଉପସ୍ଥିତ ଥିଲେ । ବିଲୀପ ଶର୍ମା ମଂଚ ପରିଚାଳନା କରିଥିଲେ ।

ଉତ୍କଳ ଦିବସ ପାଳନ ପାଇଁ ଦାବି

ରାଉରକେଲା, ୨୪/୩ (ନି/ପ୍ର): ଉତ୍କଳ ଦିବସ ପାଳନ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ପୂର୍ବସୁରୀ ଓ ମହାମନିଷୀ ମାନଙ୍କ ଆତ୍ମାଣ ଉତ୍ୟାଗ ଫଳରେ ଆଗେ ୧୯୩୬ମସିହା ଏପ୍ରିଲ ୧ତାରିଖ ଦିନ ଆମ ଓଡ଼ିଆ ଭାଷାକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଓଡ଼ିଶା ଗଠନ କରାଗଲା । ଯାହା ସମଗ୍ର ଭାରତବର୍ଷରେ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ମାନ୍ୟତା ପାଇଲା । ଏହାକୁ ମନେରଖିବା ପାଇଁ ପ୍ରତ୍ୟେକ ବର୍ଷ ଏପ୍ରିଲ ମାସ ୧ତାରିଖ କୁ ଉତ୍କଳ ଦିବସ ରୂପେ ପାଳନ କରି ଆସିଛୁ । ଏହାକୁ ଜାତି ଧର୍ମ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳ, ସରକାରୀ, ବେସରକାରୀ, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ମହାସମାରୋହରେ ପାଳନ କରିଆସିଛି । ଏହି ଅବସରରେ ପୂର୍ବସୁରୀ ମାନଙ୍କ ସ୍ମୃତି ଚାରଣ କରି ଶ୍ରଦ୍ଧା ଅର୍ପଣ କରିଥାଆନ୍ତି । ତେବେ ଚଳିତବର୍ଷ ନିର୍ବାଚନ ଥିବାରୁ ବା ଅନ୍ୟକିଛି କାରଣ ପାଇଁ ସହର ପ୍ରଶାସନ ତତ୍ପରତା ପ୍ରକାଶ କରୁନଥିବାରୁ ସହର ବାସୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି । ଏଥିପାଇଁ ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ଠାରେ ଉତ୍କଳ ସମ୍ମିଳନୀ ର ସମ୍ପାଦକ ଅକ୍ଷୟ ବାସଙ୍କ ଆବାହକତ୍ୱ ଓ ଉତ୍କଳମେଳ ର ସମ୍ପାଦକ ଡ ପୀତବାସ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଆସନ୍ତାକାଲି ରାଉରକେଲା ଅତିରିକ୍ତ କିଲ୍ଲାପାଳ ଙ୍କ ସହ ଆଲୋଚନା କରି ଉତ୍କଳ ଦିବସ ଜିପରି ମହାସମାରୋହରେ ପାଳନ କରାଯାର ପାରିବ ସେ ସମ୍ପର୍କରେ ପ୍ରସ୍ତାବ ପାରିତ ହୋଇଛି । ଆଜିର ଏହି ଆଲୋଚନା ସଭାରେ ସହରର ବିଭିନ୍ନ ଅନୁଷ୍ଠାନ ଯଥା ପ୍ରଗତି ଉତ୍କଳ ସଂଘ, ଗୋପବନ୍ଧୁ ପାଠାଗାର, ବାସନ୍ତୀ ପାଠାଗାର, ଉତ୍କଳମଣି ଗୋପବନ୍ଧୁ ଓ୍ୱଲଫେୟାର ଟ୍ରଷ୍ଟ, ବ୍ଲିନ୍ ଆର୍ଟ ଗ୍ରୀନ୍, ଉତ୍କଳକୁଷ୍ଠ ସାରସ୍ୱତ ସ୍ମୃତି ସଂସଦ, ସଚେତନ ନାଗରିକ ମଂଚ, ଉତ୍କଳ ସମ୍ମିଳନୀ, ନିଖିଳ ଉତ୍କଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭା,ସେବା ଶ୍ରଦ୍ଧା ସହଯୋଗ ସମିତି, ବସୁଧୈବ କୁଟୁମ୍ବକମ୍, ଧାମରା ସଂଘ, ଉତ୍କଳମେଳ, ସଂକଳ୍ପ, ଆଦର୍ଶ ପାଠାଗାର, ମଧୁସୂଦନ ପାଠାଗାର, ସୂର୍ଯ୍ୟରେଖା, ସୁନାମୁଖ ସାହିତ୍ୟ ସଂସଦ, ସୃଷ୍ଟି ତରଫରୁ ସର୍ବଶ୍ରୀ ଗିରିଜା ଶଙ୍କର ଗୋସ୍ୱାମୀ, ଅରବିନ୍ଦ ପାତ୍ର, ଅଜୟ ପ୍ରଧାନ, ଅରୁଣ କୁମାର ପରିଡ଼ା, ହିମାଂଶୁ ଶେଖର ମହାପାତ୍ର, ଗାଧାମୋହନ ନାୟକ, ଗଦାଧର ରଥ, କୁଞ୍ଜବିହାରୀ ରାଉତ, ରାଜକିଶୋର ମିଶ୍ର, ହରିହର ଶତପଥୀ, ନବଘନ ପାଣି, ବସନ୍ତ ମହାରଣା, ଭଗବାନ ରାଉତ, ଅକ୍ଷୟ କୁମାର ଧଳ, ତପସ୍ୱିନୀ ବହିବାର, ସନ୍ଦିତା ପ୍ରଧାନ, କୁସମଣି ଦାସ, ପୂର୍ବାଂ

ସେକ୍ଟର-୧୬ରେ ମଧୁମେହ ରକ୍ତ ପରୀକ୍ଷା ଶିବିର

ରାଉରକେଲା, ୨୪/୩ (ନି/ପ୍ର): ଆଜି ଇଷ୍ପାତ ସହର ରାଉରକେଲାର ସେକ୍ଟର-୧୬ ବସଷ୍ଟାଣ୍ଡ ନିକଟରେ ଥିବା ଜୟ ମା' ସନ୍ତୋଷୀ ଇଂଗରପ୍ରାଇଭେଟ୍ ପକ୍ଷରୁ ମଧୁମେହ, ରକ୍ତ ତଥା ଓଜନ ମାପ ପାଇଁ ପରୀକ୍ଷା ଶିବିରର ଆୟୋଜନ ସକାଳ ୭ ଟାରୁ ମଧ୍ୟାହ୍ନ ୧୨ ଟା ପର୍ଯ୍ୟନ୍ତ କରାଯାଇଥିଲା । ଏହି ଶିବିରରେ ଡ଼ା. ଙ୍ଗଜନ ପ୍ରଧାନ, ଓ ଟିମ ଙ୍କ ଦ୍ୱାରା ଦୁଇ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହି ଶିବିରରେ ସେକ୍ଟର-୧୬, ୧୮ ଓ ଆଖପାଖ ଅଞ୍ଚଳର ଲୋକେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଘନଶ୍ୟାମ ବିଭାଗ, ସମୀର ମହାନ୍ତି, ନିଲୁ ଦାସ, ସୁଶାନ୍ତ ଓ ଅନ୍ୟ ସଭ୍ୟଙ୍କ ସକ୍ରିୟ ଯୋଗଦାନ ଥିଲା । ଆସନ୍ତା ଦିନରେ ଏହିପରି ଶିବିର ଇଷ୍ପାତ ଅଞ୍ଚଳର ଅନ୍ୟ ସ୍ଥାନଗୁଡ଼ିକରେ କରାଯିବାର ସୂଚନା ଘନଶ୍ୟାମ ବିଭାଗ ସୂଚନା ପ୍ରଦାନ କରିଥିଲେ ।

ଆରଏସପିର ଆରଏସଇ ସାମୂହିକଙ୍କ ଉଦ୍ୟୋଗୀ ପ୍ରୟାସ ଦ୍ୱାରା ବିପୁଳ ସଚ୍ଚୟ ସାଧନ

ରାଉରକେଲା, ୨୪/୩ (ନି/ପ୍ର):ସେଲ ରାଉରକେଲା ଇଷ୍ପାତ କାରଖାନାର ରିପେୟାର ସପ (ଇଲେକ୍ଟ୍ରିକାଲ୍) ବିଭାଗ ଷ୍ଟିଲ୍ ମେଲ୍ଟିଂ ସପ-୨ର କନଭର୍ଟର-୩ ଜଟିକ ଜଳ ରେଟିଂ ଆଉଡି ଫ୍ୟାନ୍ ଏବଂ ମୋଟର ସଫଳ ମରାମତି ପୂର୍ବକ କାରଖାନା ପାଇଁ ବିପୁଳ ସଚ୍ଚୟ ଆଣିଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଉକ୍ତ ଭାରୀ ଡ୍ୟୁଟି ୨୫୦୦ କିଲୋ-ୱାଟ ବିଏଚଆଏଲ ନିର୍ମିତ ଏବଂ ମୋଟର କନଭର୍ଟର- ୩ ରେ ୨୦୧୨ ରୁ କାର୍ଯ୍ୟକ୍ଷମ ଥିଲା ଯାହାକୁ ମରାମତି ପାଇଁ ନିଷ୍ପତ୍ତି ନିଆଯାଇଥିଲା । ନିଜସ୍ୱ ଦକ୍ଷତା ଉପଯୋଗ ପୂର୍ବକ ଏହାର ମରାମତି ସମ୍ପନ୍ନ

ଆଦିବାସୀଙ୍କୁ ଅବକାରୀ ବିଭାଗର ଜୁଲୁମ :

କ୍ଷମା ମାଗିଲେ ଜରିମାନା ଦେଲେ ଅଧିକାରୀ

କୁଡ଼ା, ୨୪/୩ (ନି/ପ୍ର): କୁଡ଼ା ବସ୍ତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳାଥିଲା । ଅବକାରୀ ବିଭାଗ ମଦଭାଟି ଗୁଣ୍ଡାକୁ ଧରି କୁଡ଼ା ଗ୍ରାମର ଆଦିବାସୀ ଜିଷାନ ବସ୍ତି ଭିତରକୁ ଅତର୍କିତ ଭାବେ ବଡ଼ ବାହାରୁଣି ସହିତ ପ୍ରବେଶ କରି ଲୋକେ ହୋଲି ପାଇଁ ପାରମ୍ପରିକ ରୀତିରେ ତିଆରି କରିଥିବା ତରପାଏନ ବା ହାଣ୍ଡିଆ ରଖାଯାଇଥିବା ଘରକୁ ଜୋତା ପିନ୍ଧି ପଶି ମାଠିଆ ଭଙ୍ଗିବା ପରେ ଘଟଣା ଉଗ୍ର ରୂପ ଧାରଣ କରିଥିଲା । ବସ୍ତିର ଶହଶହ ପୁରୁଷ ଓ ମହିଳା ଅବକାରୀ ବିଭାଗ ଗାଡ଼ିକୁ ଅଟକ ରଖିଥିଲେ । ଆଦିବାସୀ ଜିଷାନ ସଂପ୍ରଦାୟ ଲୋକମାନେ ତାଙ୍କ ପୂର୍ବ ପୁରୁଷଙ୍କୁ ତରପାଏନ ବା ହାଣ୍ଡିଆ ହୋଲି ଦିନକ ଅର୍ପଣ କରି ପୂଜାର୍ଚ୍ଚନା କରିଥାନ୍ତି ଏବଂ ଏଥିପାଇଁ ସପ୍ତାହେ ପୂର୍ବରୁ ସେମାନେ ଗାଧୋଇ ଘର ଲିପାପୋଛାକରି ହାଣ୍ଡିଆ ପ୍ରସ୍ତୁତ କରିଥାନ୍ତି । ଯେହେତୁ ବିନା କାରଣରେ ପୂଜାପାଇଁ ଉଦ୍ଦିଷ୍ଟ ତରପାଏନ ବା ହାଣ୍ଡିଆକୁ ସେମାନେ ହୁଇଁ ମାରା କରିଛନ୍ତି । ସେଥିପାଇଁ ଲୋକେ ଉତ୍ତେଜିତ ହୋଇ ସେମାନଙ୍କୁ ୨ ଘଟାଂ ଅଟକ ରଖିଥିଲେ । ଲୋକଙ୍କ କଥା ହେଲା ଅବକାରୀ ବିଭାଗ ଆଦିବାସୀଙ୍କ ଘର ତଲାସିରେ ମଦଭାଟି ଗୁଣ୍ଡାକୁ ନେଇ ଏହି ଚଢଉ କରିଥିଲେ । ଏହି ଅବକାରୀ ବିଭାଗ ବାଟୁମାନେ ଆଦିବାସୀଙ୍କ ସଚ୍ଚକତାର ସୁଯୋଗ ନେଇ ବିଭିନ୍ନ ସମୟରେ ମଦ ଧରପକଡ଼ ନାଁରେ କିଛି ଆଦିବାସୀ ଲୋକଙ୍କ ମଦ ଜବତ କରି ପରେ ସେହି ଆଦିବାସୀ ଲୋକଙ୍କୁ ଭାଟି ମଦ ବା ପାଉଚ ମଦ ବିକ୍ରି କରିବାକୁ ଦେଉଥାନ୍ତି । ଅବକାରୀ ବିଭାଗ ସହିତ ମଦଭାଟି ଗୁଣ୍ଡାଙ୍କୁ ଆଣିବା ତଥା ଅବକାରୀ ବିଭାଗର ସୁଧୀର କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ସେମାନଙ୍କୁ ଲେବର ଆଣିବାକୁ କୁହାଯାଇଥିଲା ଏବଂ ଲେବର ହିସାବରେ ମଦଭାଟି ଗୁଣ୍ଡାକୁ ଅଣାଯାଇଥିବା କହିଛନ୍ତି । ସେମାନେ ଗାଡ଼ିରେ ରହିବେ

ଇସ୍ପାତ ଜେନେରାଲ ହସ୍ପିଟାଲର କର୍ମଚାରୀ ପୁରସ୍କୃତ

ରାଉରକେଲା, ୨୪/୩ (ନି/ପ୍ର):ଇସ୍ପାତ ଜେନେରାଲ ହସ୍ପିଟାଲର ନୂତନ କନଫରେନ୍ସ ହଲରେ ମାର୍ଚ୍ଚ ୨୧ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ହସ୍ପିଟାଲର କର୍ମଚାରୀମାନଙ୍କୁ ଦୁଇଟି ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, ସିଏମଓ ଡାକ୍ତର ଏନ ପି ସାହୁ, ଡାକ୍ତର ଏଲ କେ ବିଶ୍ୱାଳ, ଡାକ୍ତର ଜେ କେ ଆଚାର୍ଯ୍ୟ ଏବଂ ଡାକ୍ତର ପି କେ ମହାପାତ୍ର, ଚକ୍ଷୁ ବିଭାଗ ଏବଂ ଚିକିତ୍ସା ପ୍ରଶାସନ ବିଭାଗର ଅତିରିକ୍ତ ସିଏମଓ ଡାକ୍ତର ଆର.ଆର ମହାନ୍ତି, ଜାର୍ମିକ ବିଭାଗର ଜିଏମ ଶ୍ରୀ ଜି ଆର ଦାଶ ଏବଂ ବହୁ ବରିଷ୍ଠ ଡାକ୍ତର ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ । ଦ୍ୱିତୀୟ ତ୍ରୟୋମାସ ପାଇଁ ରୋଗୀସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ ସ୍ୱୀକୃତି ଯୋଜନା ଅଧୀନରେ ସୁରୁଖ ମେଡିକାଲ ଓ୍ୱାର୍ଡ ବିଭାଗ ବିଭେଚିତ ହୋଇଥିବାବେଳେ ଜେଏନ୍ ବୃତିଗତ ସ୍ୱାସ୍ଥ୍ୟକେନ୍ଦ୍ର ରନର୍ସ ଅପ୍ ପୁରସ୍କାର ଲାଭ କରିଥିଲା । ଦ୍ୱିତୀୟ ତ୍ରୟୋମାସରେ ଶିଶୁ ନିବାନ ଓ୍ୱାର୍ଡ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ନେହେରୁ ଓପିଡି ରନର୍ସ ଅପ୍ ସ୍ଥାନ ଲାଭ କରିଥିଲା । ଡାକ୍ତର ବି କେ ହୋତା ବକ୍ତମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଇସ୍ପାତ ଜେନେରାଲ ହସ୍ପିଟାଲରେ ରୋଗୀ ସେବାରେ ସାମଗ୍ରିକ ଉନ୍ନତି ଆଣିବା ପାଇଁ ଡାକ୍ତରଖାନାରେ ଏକ ସୁସ୍ଥ ପ୍ରତିଯୋଗିତା ମୂଳକ ମାନସିକତା ସୃଷ୍ଟି ପୂର୍ବକ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ସେମାନଙ୍କ ଅଞ୍ଚଳରେ ସର୍ବୋତ୍ତମ ପ୍ରୟାସ କରିବାକୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏହି ଯୋଜନା ଗତ ବର୍ଷ ପ୍ରବର୍ତ୍ତିତ ହୋଇଥିଲା । ଏହା ଏକ ବକ୍ତଗତ ସ୍ୱୀକୃତି ଯୋଜନା ଏବଂ ତ୍ରୟୋମାସିକ ଭିତ୍ତିରେ ପରିଚାଳିତ ଅଟେ । ଏହି ପୁରସ୍କାର ଯୋଜନା ଅନ୍ତର୍ଗତ ବିଜେତାମାନେ ୧୦୦୦୦ ଟଙ୍କା ପୁରସ୍କାର ରାଶି ପାଉଥିବାବେଳେ ରନର୍ସ ଅପ୍ ବକ୍ତଙ୍କୁ ୫୦୦୦ ଟଙ୍କା ପ୍ରଦାନ କରାଯାଉଛି । ଟ୍ରଫି ଏବଂ ପ୍ରଶଂସା ପତ୍ର ମଧ୍ୟ ଉଭୟଙ୍କୁ ପ୍ରଦାନ କରାଯାଉଛି । ଆଜିଏଏବର ବିଭିନ୍ନ ୟୁନିଟ୍/ କ୍ଷେତ୍ର ଦ୍ୱାରା ପ୍ରଦାନ କରାଯାଇଥିବା ସେବାଗୁଡ଼ିକରେ ପ୍ରାପ୍ତ ମତାମତ ଉପରେ ଆଧାର କରି ମୂଲ୍ୟାଙ୍କନ କମିଟି ଦ୍ୱାରା ମୂଲ୍ୟାଙ୍କନ କରାଯାଉଛି । ଫିଡବ୍ୟାକ୍ କର୍ମି ମିତ୍ର ଆପ୍ ଏବଂ ସମ୍ପର୍କ ଆପ୍ ମାଧ୍ୟମରେ ନିଆଯାଇଛି । ଉପରୋକ୍ତ ବିଷୟଗୁଡ଼ିକ ସହିତ, ମତାମତ ସୁଦୃଢ ପାଇଁ ପରାମର୍ଶ ବାକ୍ସଗୁଡ଼ିକ ଆଜିଏଏବର ବିଭିନ୍ନ ସ୍ଥାନରେ ରଖାଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନିକ କ୍ଷେତ୍ରରେ ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ତତ୍ତ୍ୱାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ୨୦ଜଣ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅନ୍ତର୍ଗତ ସେମାନଙ୍କୁ ପ୍ରଶଂସା ପତ୍ର ଏବଂ ଟୋକେନ୍ ଉପହାର ଦିଆଯାଇଥିଲା । ସିଏମଓ ମାନେ ପୁରସ୍କାର ବିଜେତାଙ୍କୁ ପ୍ରମାଣପତ୍ର ଏବଂ ଟୋକେନ୍ ଉପହାର ପ୍ରଦାନ କରିଥିଲେ । ବକ୍ତର ହୋତା ତାଙ୍କ ସମ୍ବୋଧନରେ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉନ୍ନତ କାର୍ଯ୍ୟଧାରା ଜାରି ରଖିବାକୁ ଅନୁରୋଧ କରିଥିଲେ । ନିଜର ବକ୍ତବ୍ୟରେ ସିଏମଓମାନେ ମଧ୍ୟ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କୁ ପୁଫୁଲୁ ଚିଜ, ଉଦାର ଆଚରଣ ସହ ବକ୍ତଗତ ଭାବନାକୁ ଉଚ୍ଚରେ ରଖି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ । ଶ୍ରୀ ଜି ଆର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ପୁରସ୍କାର ଯୋଜନା ବିଷୟରେ ସୂଚନା ଦେଇଥିଲେ ଏବଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ମିକ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଏସ ସି ପଟ୍ଟିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ ।